Postal Regd.No.:
BGR - 02/2021-2023
ବର୍ଷ - ୨୧ ■ ସଂଖ୍ୟା - ୧୪
Volum. - 21 ■ Issue No.- 14
Sunday ■ Balangir
ରବିବାର ■ ବଲାଙ୍ଗିର

KOSHALA PRABAHA
କୋଶଳ ପ୍ରବାହ
www.koshalaprabaha.com

R.N.I.No.: ODIODI/2000/03637 / ୧୪ ଫେବୃଆରୀ - ୨୦ ଫେବୃଆରୀ ୨୦୨୧ / 14 Feb. - 20 Feb. 2021 / Odia Weekly / 8 Pages / Rs.2/- only

# ଫେବୃଆରୀ ୧୫ରେ ୬ ଘଂଟିଆ ଓଡିଶା ବନ୍ଦ ଡାକରା ଦେଇଛି କଂଗ୍ରେସ



ଭୁବନେଶ୍ୱର, (ନିପ୍ର) : ଫେବୃଆରୀ ୧୫ରେ ୬ ଘଂଟିଆ ଓଡିଶା ବନ୍ଦ ଡାକରା ଦେଇଛି କଂଗ୍ରେସ । ସକାଳ ୭ଟାରୁ ଦିନ ଗୋଟାଏ ଯାଏ ଅର୍ଥାତ ୬ ଘଂଟା ଯାଏ ବନ୍ଦ ଡାକରା ଦେଇଛି କଂଗ୍ରେସ ଦଳ । ଏହି ବନ୍ଦକୁ ଶାନ୍ତିପୂର୍ଣ୍ଣ କରିବା ପାଇଁ ଅନୁରୋଧ କରିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ । ବିବାହ ପାଇଁ ଯାଉଥିବା ବରଯାତ୍ରୀ ଗାଡ଼ିକୁ ବନ୍ଦ ଡାକରାରୁ ବାଦ୍ ଦିଆଯିବ ବୋଲି ସୂଚନା ଦିଆଯାଇଛି । ସାଧାରଣଲୋକଙ୍କୁ ଯେପରି ଅସୁବିଧା ହେବନି ତା'ଉପରେ ବିଶେଷ ଧ୍ୟାନ ଦିଆଯିବ ବୋଲି କୁହାଯାଇଛି । ପେଟ୍ରୋଲ ଓ ଡିଜେଲ୍, ଏଲପିଜି ଗ୍ୟାସର ଦର ବୃଦ୍ଧି, ବେକାରୀ ସମସ୍ୟା, ରାଜ୍ୟରେ ନାରୀ ଓ ଶିଶୁ ନିର୍ଯାତନା, ବିଗିଡ଼ିଥିବା ଆଇନ ଶୃଙ୍ଖଳା ପରିସ୍ଥିତି ଭଳି ଏକାଧିକ ପ୍ରସଙ୍ଗ ନେଇ ଓଡ଼ିଶା ବନ୍ଦ ଡାକରା ଦେଇଛି କଂଗ୍ରେସ । ଆମ୍ବୁଲାନ୍ସ, ଜରୁରୀ ସେବାରେ ନିୟୋଜିତ ଥିବା ଯାନବାହାନ, ଔଷଧ ଦୋକାନ, ଅତିଆବଶ୍ୟକ ସେବାରେ ଥିବା ଗାଡ଼ିକୁ ଏଥିରୁ ବାଦ୍ ଦିଆଯିବ ବୋଲି ସୂଚନାରେ କୁହାଯାଇଛି ।

# ମୁରିବାହାଲ ଓ ଗାଇମୁଣ୍ଡା ପେକ୍ସରୁ ଧାନ ଉଠାଣ ଦାବୀ ନେଇ ବିଧାୟକ ସାଲୁଜା ଆମରଣ ଅନଶନରେ ବସିଲେ




ମୁରିବାହାଲ : ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ପତ୍ରପାଲି (କ) ଓ ଗୋଇମୁଣ୍ଡ ପେକ୍ସର ମଣ୍ଡିରୁ ତୁରନ୍ତ ଧାନ ଉଠାଣ ଦାବୀ କରି ଗତ ଶୁକ୍ରବାର କଂଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଆମରଣ ଅନଶନରେ ବସିଥିଲେ । ସେହିପରି ଚାଷୀମାନେ ମଧ୍ୟ ଧାନବସ୍ତା ରଖି ମୁରିବାହାଲ-ବଙ୍ଗୋମୁଣ୍ଡା ପୂର୍ତ୍ତ ରାସ୍ତାକୁ ଅବରୋଧ କରିଥିଲେ । ଫଳରେ ରାସ୍ତାର ଉଭୟ ପଟେ ଶହ ଶହ ଯାନବହାନ ଅଟକି ରହିଥିଲା । ରାତି ସାଢେ ୮ଟାରେ ଜିଲ୍ଲା ଯୋଗାଣ ଅଧିକାରୀ ବିକ୍ରମ ମାଝୀ ଘଟଣାସ୍ଥଳରେ ପହଂଚି ମଣ୍ଡିରୁ ଧାନକିଣା ଆରମ୍ଭ କରିବା ପରେ ବିଧାୟକ ଶ୍ରୀ ସାଲୁଜା ଆମରଣ ଅନଶନ ପ୍ରତ୍ୟାହାର କରିଥିଲେ ।

ସୂଚନାଯୋଗ୍ୟ ଯେ, ପତ୍ରପାଲି(କ) ମଣ୍ଡିରେ ଟୋକନ ଆସିଥିବା ୧୧୦ ଚାଷୀଙ୍କ ମଧ୍ୟରୁ ୧୭ ଜଣଙ୍କ ଟୋକନ ବାତିଲ ହୋଇଛି ଏବଂ ୧୭୬୧ କ୍ୱିଂଟାଲ୍ ଟାର୍ଗେଟ ବାକି ଅଛି । ସେହିପରି ଗୋଇମୁଣ୍ଡ ପେକ୍ସରେ ୮୯ ଜଣଙ୍କ ଚାଷୀଙ୍କ ମଧ୍ୟରୁ ୧୨ ଜଣଙ୍କ ଟୋକନ ବାତିଲ ହୋଇଛି ଏବଂ ୨୭୧୯ କ୍ୱିଣ୍ଟାଲ ଧାନ ଟାର୍ଗେଟ ବାକିଥିବା ଜଣାପଡିଛି । ତେଣୁ ଉଭୟ ପେକ୍ସର ୧୯୯ ଚାଷୀଙ୍କ ବାକିଥିବା ଟାର୍ଗେଟ ସମ୍ପୂର୍ଣ୍ଣ କରି ଆହୁରି ୫୫୦୦ କ୍ୱିଣ୍ଟାଲ ଧାନ ଶୀଘ୍ର ଉଠାଇବା ପାଇଁ ଟାର୍ଗେଟ ଦେବାକୁ ବିଧାୟକ ଦାବୀ କରିଥିଲେ । ବିଧାୟକଙ୍କ ସହ ଧାରଣାରେ ଜିଲ୍ଲା ପରିଷଦ ସଭ୍ୟ ବେଳାରସେନ ବେହେରା, ବ୍ଲକ କଂଗ୍ରେସ ସଭାପତି ପ୍ରଫୁଲ୍ଲ ବଘାର, କିଷାନ ସେଲ ସଭାପତି ଗିରିଧାରି ସାହୁ, ଜିତେନ୍ଦ୍ର ହାତୀ, ଭୋଲା ବେହେରା, ଉପାଧ୍ୟକ୍ଷ ମାମରାଜ ଜୈନ, ହଲଦୀ ସରପଂଚ ଗୋପୀନାଥ ପାଣିଗ୍ରାହୀ, ବଙ୍ଗୋମୁଣ୍ଡା ସରପଂଚ ସୁଶାନ୍ତ ଯୋଶୀ, ସରପଂଚ ଉପେନ୍ଦ୍ର ମେହେର, ସମିତି ସଭ୍ୟ ଅନିଲ, ମୁନା ବହିଦାର, ଜୟଶଙ୍କର ସାହୁ, ନେପାଲ ମହାକୁରଙ୍କ ସହ ଶତାଧିକ କଂଗ୍ରେସର କର୍ମକର୍ତ୍ତା ଓ ଦୁଇ ପେକ୍ସର ଚାଷୀ ଉପସ୍ଥିତ ଥିଲେ ।

# ପୁଲୱାମା ଆକ୍ରମଣ ଘଟଣାକୁ ଦୁଇ ବର୍ଷ ପୂରିଲା : ମନେ ପକାଇଲେ ଏବେ ବି କୁରୁଳି ଉଠୁଛି ଛାତି




ନୂଆଦିଲ୍ଲୀ : ପୁଲୱାମା ଆକ୍ରମଣର ଦ୍ୱିତୀୟ ବାର୍ଷିକୀରେ ଭାରତୀୟ ସେନା ଏକ ଭିଡିଓ ଜାରି କରିଛି, ଯାହା ଦେଖଣାହାରୀକୁ ଚକିତ କରିଦିଏ । ଚିନାର କର୍ପସର ଟ୍ୱିଟର ହ୍ୟାଣ୍ଡେଲରୁ ମୁକ୍ତିଲାଭ କରିଥିବା ଏହି ଭିଡିଓରେ ପୂରା ଘଟଣା ଏବଂ ଏହା ପରେ ଭାରତ ସରକାର ଗ୍ରହଣ କରିଥିବା ପଦକ୍ଷେପ ବର୍ଣ୍ଣନା କରାଯାଇଛି । ଭିଡିଓ ଆରମ୍ଭରେ କୁହାଯାଇଛି ଯେ ସିଆରପିଏଫ୍ ବାଟାଲିୟନର ବସ୍‌କୁ ଟାର୍ଗେଟ କରି ଆତ୍ମଘାତୀ ଆତଙ୍କବାଦୀ ଟାର୍ଗେଟ କରିଥିଲା ।

ରାଜପଥରେ ସିଆରପିଏଫ୍ ବସ୍‌କୁ ଟାର୍ଗେଟ କରି ବିସ୍ଫୋରକ ଭର୍ତ୍ତି କାର ଧକ୍କାରେ ଘଟାଯାଇଥିବା ଏହି ଘଟଣାରେ ୪୦ ସୈନିକଙ୍କ ମୃତ୍ୟୁ ଘଟିଥିଲା । ୧୪ ଫେବୃଆରୀ ୨୦୧୯ ରେ ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ୭୦ ଜଣ ସୈନିକ ମଧ୍ୟ ଆହତ ହୋଇଥିଲେ । ଏହି ଘଟଣା ପରେ ଭାରତ ପାକିସ୍ତାନରୁ 'ମୋଷ୍ଟ ଫେଭର୍ଡ ନେସନ'ର ମାନ୍ୟତା ପ୍ରତ୍ୟାହାର କରିନେଲା, ଏହା ସହ ସମସ୍ତ କାରବାର ବନ୍ଦ କରି କୂଟନୈତିକ ସ୍ତରରେ ଅବରୋଧ କରିଥିଲା ।

ସୂଚନାଯୋଗ୍ୟ ଯେ, ପୁଲୱାମା ଆକ୍ରମଣର ଜବାବରେ ଭାରତ ପାକିସ୍ତାନ ଭିତରେ ବାଲାକୋଟ ଏୟାରଷ୍ଟ୍ରାଇକ କରି ଦଶ ହଜାର ଆତଙ୍କବାଦୀଙ୍କୁ ଗୁଳି ଚଳାଇଥିଲା । କେବଳ ଏତିକି ନୁହେଁ, ପାକିସ୍ତାନକୁ ବିଶ୍ୱ ଭ୍ରାତୃଭାବରୁ ଅଲଗା କରିବା ଏବଂ ପରୋକ୍ଷରେ ଏହାକୁ ଆତଙ୍କବାଦୀ ରାଷ୍ଟ୍ର ଭାବେ ଘୋଷଣା କରିବା ପାଇଁ ଏକ ଅଭିଯାନ ହୋଇଥିଲା । ଭାରତର ଏହି ପ୍ରୟାସ ମଧ୍ୟ ବହୁ ପରିମାଣରେ ରଙ୍ଗ ଆଣିଛି । ପାକିସ୍ତାନ ଆତଙ୍କବାଦୀ ପାଣ୍ଠି ଉପରେ ଆନ୍ତର୍ଜାତିକ ସଂସ୍ଥା ଏଫଏଟିଏଫ୍ ଏହାର କଡାକଡି ଭାବ ଜାରି ରଖିଛି ଏବଂ ପାକିସ୍ତାନ ସମ୍ପୂର୍ଣ୍ଣ ଅସନ୍ତୋଷ ପ୍ରକାଶ କରିଛି । ପାକିସ୍ତାନର ଇମ୍ରାନ ଖାନ ସରକାର ଆନ୍ତର୍ଜାତୀୟ ଚାପ ଆଗରେ ଆଣ୍ଠୁମାଡି ବସିବାକୁ ବାଧ ହୋଇଛନ୍ତି ।

- ଦୁଇ ବର୍ଷ ପୂର୍ବେ ପୁଲୱାମାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଭାରତ ମା'ର ୪୦ ପୁଅ ସହିଦ ହୋଇଥିଲେ
- ସେହି ଆତ୍ମଘାତୀ ଆକ୍ରମଣରେ ଅନ୍ୟ ୭୦ ସୈନିକ ଆହତ ହୋଇଥିଲେ
- ପରେ ପରେ ପାକିସ୍ତାନକୁ ବାଲାକୋଟ ଏୟାର ଷ୍ଟ୍ରାଇକ୍ ମାଧ୍ୟମରେ ବିଶେଷ ଶିକ୍ଷା ଦିଆଯାଇଥିଲା

# ଦୁଇ ବର୍ଷ ପୂରିଲା ପୁଲୱାମା ଆତଙ୍କବାଦୀ ଆକ୍ରମଣ ଘଟଣାକୁ : କେବଳ ଦୀପ ଧୂପ ପର୍ଯ୍ୟାପ୍ତ ନୁହେଁ



ବଲାଙ୍ଗିର, (ନିପ୍ର) : ଲୋମହର୍ଷଣକାରୀ ପୁଲୱାମା ଆତଙ୍କବାଦୀ ଆକ୍ରମଣ ଘଟଣାକୁ ଦୁଇ ବର୍ଷ ପୂରି ଯାଇଛି । ଦୁଇ ବର୍ଷ ପୂର୍ବ ଠିକ୍ ଆଜିର ଦିନରେ ଶ୍ରୀନଗର ଅବନ୍ତିପୁର ଜିଲ୍ଲାର ପୁଲୱାମା ଠାରେ ବିସ୍ଫୋରଣରେ ୪୦ରୁ ଅଧିକ ସିଆରପିଏଫ ଜବାନ ସହିଦ ହୋଇଥିଲେ । ଏହି ଦିନକୁ ସ୍ମରଣ କରି ସହରର ବିଭିନ୍ନ ଅନୁଷ୍ଠାନମାନଙ୍କ ତରଫରୁ ଦିବଙ୍ଗତ ସହିଦମାନଙ୍କ ଉଦ୍ଦେଶ୍ୟରେ ମହମବତୀ, ଦୀପ, ଧୂପ ଦେଇ ଶ୍ରଦ୍ଧାଂଜଳି ଜ୍ଞାପନ କରାଯାଇଛି । ଶାନ୍ତିପଡା ଠାରେ ଥିବା ସିଆରପିଏଫ କ୍ୟାମ୍ପରେ ୧୮୯ ବ୍ୟାଟାଲିଅନ ସିଆରପିଏଫ ଓ ସ୍ଥାନୀୟ ସ୍ୱେଚ୍ଛାସେବୀମାନଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ କମାଣ୍ଡେଣ୍ଟ ଅଫିସର ଜୋଗିନ୍ଦର ସିଂ ମୌର୍ଯ୍ୟ ସମେତ ସ୍ଥାନୀୟ ସ୍ୱେଚ୍ଛାସେବୀ ସନ୍ଦିପ ବାଗ, ସନ୍ତୋଷ ପଟ୍ଟନାୟକ, ଜୟଦେବ ଯାଦବ, ପାର୍ଥ କର୍ଣ୍ଣ ଓ ପ୍ରଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଶହୀଦ ଜବାନମାନଙ୍କର ଉଦ୍ଦେଶ୍ୟରେ ପଶ୍ଚିମ ଓଡିଶା ଯୁବା ମଂଚ ତରଫରୁ ପୁରୁଣା ଯୋଗାଣ ବିଭାଗ କାର୍ଯ୍ୟାଳୟରୁ କଚେରୀ ଛକ ସ୍ଥିତ ବାବା ସାହେବଙ୍କ ମୁର୍ତ୍ତି ପର୍ଯ୍ୟନ୍ତ ଏକ ମହମବତୀ ଶୋଭାଯାତ୍ରା କରାଯାଇଥିଲା । ଶୋଭାଯାତ୍ରାରେ ଅନେକ ଯୁବକ ଯୋଗ ଦେଇ ଶହୀଦ ଜବାନ ଓ ଭାରତ ମାତାର ଜୟଗାନ କରି ଶହୀଦ ଜବାନ ଅମର ରୁହନ୍ତୁ ବୋଲି ସ୍ଲୋଗାନ ଦେଇ ଅମର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଏହି ଶୋଭାଯାତ୍ରାରେ ଅଭିଶେକ ଦାଶଙ୍କ ନେତୃତ୍ୱରେ ବିଙ୍ଗ ହ୍ୟୁମାନର ସୋମନାଥ ମିଶ୍ର, ବିବେକା, ବିନୋଦ କାଲସାଏ, ରିଲୁ ରଥ, ନିରୋଜ ମିଶ୍ର, ସୋମନାଥ ପ୍ରମୁଖ ଉପସ୍ଥିତ ଥିଲେ ।

ତେବେ ଠିକ୍ ଏହି ଶୋଭାଯାତ୍ରା ଯିବା ସମୟରେ କିଛି ସମୟ ପାଇଁ ଟ୍ରାଫିକ ବାଧାପ୍ରାପ୍ତ ହୋଇଥିଲା । ଶୋଭାଯାତ୍ରାକୁ ରାସ୍ତା ଦେଉଥିବା ଜଣେ ବୃଦ୍ଧ ହଠାତ କହି ଉଠିଥିଲେ, ୪୦ରୁ ଅଧିକ ଭାରତମାତାର ବୀର ପୁତ୍ରଙ୍କ ବୀରଗତି ପାଇଁ କ'ଣ କେବଳ ଏହି ଦୀପ ଧୂପ ପର୍ଯ୍ୟାପ୍ତ ? ଦୁଇ ବର୍ଷ ବିତିଗଲା କାହିଁ ଏଯାଏଁ ତ ଏମାନଙ୍କ ହତ୍ୟାକାରୀ ଧରା ପଡିଲେନି, ନା ଧରା ପଡିଲେ ଏହି ଘଟଣାର ଷଡଯନ୍ତ୍ରକାରୀ ... । କେହି ତ ଏହି ଘଟଣାର କଡାକଡି ତଦନ୍ତ ଦାବୀରେ ଶୋଭାଯାତ୍ରା କି ର୍‍ୟାଲି କରୁ ନାହାନ୍ତି ? ସାଙ୍ଗରେ ଥିବା ଅନ୍ୟ ବନ୍ଧୁ ଜଣକ ସଙ୍ଗେ ସଙ୍ଗେ ଉତ୍ତର ଦେଲେ ଧରା ପଡିବେ କିପରି ? ଜଣେ ଆତ୍ମଘାତୀ ବିସ୍ଫୋଟକ କାର୍‌ରେ ମଲା, ଆଉ ଦୁଇ ଜଣ ପୋଲିସ ଗୁଳିରେ ମଲେ । ସମସ୍ତେ ମରି ଗଲେ କହି, ଏହି ଘଟଣାର ଚାର୍ଜସିଟ ମଧ୍ୟ ଏଯାଏଁ ଦାଖଲ କରା ଯାଇନାହିଁ । ଭୋଟ ସରିଲା, ଘଟଣା ଚୁଲିକି ଗଲା । ବୁଝିଲ, ଏବେ ଚାଲ ରାସ୍ତା ଖାଲି ହେଲାଣି । ନାମ ଠିକଣା ପଚାରିବା ପୂର୍ବରୁ ସ୍କୁଟି ଷ୍ଟାର୍ଟ ମାରି ଉଭୟେ ଚାଲିଗଲେ । କିନ୍ତୁ ଉକ୍ତ ବୃଦ୍ଧଙ୍କ ପ୍ରଶ୍ନ ଏବେ ବି ସେଇଠି ରହିଗଲା ପ୍ରକୃତରେ ଏକ ଖୁବ ବଡ ପ୍ରଶ୍ନ ହୋଇ । ଏହି ଶହୀଦମାନଙ୍କ ପାଇଁ କେବଳ କ'ଣ ଦୀପ ଧୂପ ପର୍ଯ୍ୟାପ୍ତ ନା' ଘଟଣାର ପ୍ରକୃତ ତଦନ୍ତ କରାଯାଇ ଦେଶରେ ପଶି ବୀର ଜବାନ ମାନଙ୍କ ରକ୍ତର ହୋରି ଖେଳିଥିବା ସେହି ଆସୁରିକ ଶକ୍ତିକୁ ଲୋକଲୋଚନକୁ ଆଣି ତାକୁ ସମୂଳେ ନଷ୍ଟ କରିଦେବା । ମନେ ହୁଏ ଏହା ହିଁ ସେହି ବୀର ସହିଦ ମାନଙ୍କୁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ । ଏ ଦିଗରେ ପାଠକେ ଚିନ୍ତା କରିବା ଆବଶ୍ୟକ ଭଳି ମନେହୁଏ ।

# 'କୋଶଳ ପ୍ରବାହ' କାର୍ଯ୍ୟାଳୟରେ ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେପି ନେତା ପ୍ରଦୀପ କୁମାର ପୁରୋହିତ



ବଲାଙ୍ଗିର, (କେପିଏନ୍‌ଏସ୍) : ପଦ୍ମପୁରର ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେପି ନେତା ପ୍ରଦୀପ କୁମାର ପୁରୋହିତ ସୌଜନ୍ୟମୂଳକ ପରିଦର୍ଶନ ନିମନ୍ତେ 'କୋଶଳ ପ୍ରବାହ' କାର୍ଯ୍ୟାଳୟକୁ ଆଜି ଅପରାହ୍ନରେ ପହଂଚିଥିଲେ । 'କୋଶଳ ପ୍ରବାହ' ଟିମ୍‌ର ତୁରନ୍ତ ନ୍ୟୁଜ୍ ପ୍ରସାରଣ ତଥା ନିଆରା ନ୍ୟୁଜ୍ ପରିବେଷଣ ଶୈଳୀକୁ ଶ୍ରୀ ପୁରୋହିତ ପ୍ରଶଂସା କରିବା ସହ 'କୋଶଳ ପ୍ରବାହ'ର ସଂପାଦକ ଆନଂଦ ଚଂଦ୍ର ସାହୁଙ୍କୁ ଶୁଭେଚ୍ଛା ଜଣାଇଥିଲେ । ତାଙ୍କ ସହ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ ସମ୍ପାଦକ କୋକିଳ ସାହୁ ମଧ୍ୟ ପରିଦର୍ଶନରେ ସାମିଲ୍ ଥିଲେ । ଏହି ଅବସରରେ 'କୋଶଳ ପ୍ରବାହ'ର ସଂପାଦକଙ୍କ ସହ ପ୍ରଶାସନିକ ଅଧିକାରୀ ଶ୍ୟାମ ପ୍ରସାଦ ଗୁରୁ, ବିଜ୍ଞାପନ ଅଧିକାରୀ ଶମ୍ଭୁନାଥ ସାହୁ, ବଲାଙ୍ଗିର ଜିଲ୍ଲା ପ୍ରତିନିଧି ଦେବାଶିଷ ମିଶ୍ର ଏବଂ ପଦ୍ମପୁର ପ୍ରତିନିଧି ନିରୋଜ କୁମାର ପାଣୀ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ ।


## ସଂପାଦକୀୟ

### ସହିଦ୍‌ଙ୍କୁ ସଲାମ୍

( ୧୪ ଫେବୃଆରୀ ୨୦୧୯ରେ ପୁଲୱାମା ଆତଙ୍କବାଦୀ ଆକମ୍ରଣରେ ସହିଦ ହୋଇଥିବା ବୀର ଯବାନ୍ ଭାରତ ମାତାର ସୁସନ୍ତାନମାନଙ୍କୁ ଗଭୀର ଶ୍ରଦ୍ଧାଂଜଳି ପ୍ରଦାନ ଉଦ୍ଦେଶ୍ୟରେ ଏ ସଂଖ୍ୟାର ସଂପାଦକୀୟ ସ୍ତମ୍ଭ ସମର୍ପିତ ।)

# ବଲାଙ୍ଗିର : ୧୫୦ ବର୍ଷ

**ଗୋପବନ୍ଧୁ ରଥ**



ଏକଦା ବଲାଙ୍ଗିର ଜିଲ୍ଲାକୁ 'ପାଟଣା ଷ୍ଟେଟ' ବୋଲି କୁହାଯାଉଥିବା କଥା ଇତିହାସ କହିଥାଏ । ଏହି ପାଟଣା ଷ୍ଟେଟ୍‌ର ରାଜଧାନୀ ଥିଲା ପାଟଣାଗଡ଼ । ପାଟଣାଗଡ଼ର ଚତୁଃପାର୍ଶ୍ୱରେ କଟଙ୍ଗ ବାଉଁଶ ବଣ ରହିଥିବା ହେତୁ ତାହା ଏକ ମ୍ୟାଲେରିଆ ପ୍ରବଣ ଅଂଚଳ ଭାବେ ଅପଖ୍ୟାତ ହୋଇଥିଲା । ଫଳରେ ଅମଲା ଅଫିସର ବୃନ୍ଦ ସେଠାରେ ଅବସ୍ଥାନ କରି କାର୍ଯ୍ୟନିର୍ବାହ କରିବା ଅସମ୍ଭବ ହୋଇ ପଡ଼ିଲା । ସେଥିପାଇଁ ପାଟଣା ଷ୍ଟେଟ୍‌ର ରାଜଧାନୀକୁ ସେଠାରୁ ଅନ୍ୟତ୍ର ଉଠାଇ ନେବା ପାଇଁ ନାନା ବିଧ କଳ୍ପନା ଜଳ୍ପନା ହେଲା । ପରିଶେଷରେ ବିଭିନ୍ନ ଦୃଷ୍ଟିକୋଣରୁ ବିବେଚନା ଓ ବିଚାର ବିମର୍ଷ କରାଯିବା ପରେ ବଲାଙ୍ଗିର ନୂତନ ରାଜଧାନୀ ସ୍ଥାପନ ନିମିତ୍ତ ଉପଯୁକ୍ତ ସ୍ଥାନ ହେବ ବୋଲି ସ୍ଥିରିକୃତ ହେଲା । ଫଳରେ ୧୮୭୧ରେ ସେ ଦିଗରେ କାର୍ଯ୍ୟାରମ୍ଭ କରାଯାଇ ସର୍ବପ୍ରଥମେ ଡାକ୍ତରଖାନା, ଜେଲ୍ ଓ ମନୋହରପୁର ଠାରେ ପୋଲିସ ଷ୍ଟେସନ ନିର୍ମିତ ହେଲା ଏବଂ ୧୮୭୨ରେ ବିଧିବଦ୍ଧ ଭାବେ ବଲାଙ୍ଗିରକୁ ରାଜଧାନୀ ଉଠାଇ ଅଣାଯାଇଥିଲା । ନବ ନିର୍ମିତ ରାଜପ୍ରାସାଦରେ ରାଜ ପରିବାର ରହିବା ବ୍ୟବସ୍ଥା କରାହେଲା ଏବଂ ଜୁନ୍‌ହାଁଡିହି ଠାରେ ପ୍ରଜାବର୍ଗ ପୂର୍ବବତ୍ ଅବସ୍ଥାନ କରିଥିଲେ । କାଳକ୍ରମେ ବଲାଙ୍ଗିରର ବିଭିନ୍ନ କ୍ଷେତ୍ରରେ କ୍ରମୋନ୍ନତି ସାଧିତ ହୋଇ ଏହାର କୃତୀ ସନ୍ତାନମାନଙ୍କ ଅବଦାନ ଏହାର ଭବିଷ୍ୟତକୁ ଗୌରବମୟ କରିବାରେ ସମର୍ଥ ହୋଇଛି ।

ଏବେ ବଲାଙ୍ଗିରକୁ ୧୫୦ ବର୍ଷ ହେଲାଣି । ଏହାର ଛବିଳ ଅତୀତର ପ୍ରଥମ ପରିଚ୍ଛେଦଟିର ଅର୍ଥପୂର୍ଣ୍ଣ ବିହଙ୍ଗାବଲୋକନ କରିବା ପରେ ଯାଇ ଆଗାମୀ ଯୁଗର ବଲାଙ୍ଗିରର ଏକ ବୈଚିତ୍ରମୟ ସ୍ୱପ୍ନ ଦେଖିବା ସମ୍ଭବ ହେବ ।

### ବଲାଙ୍ଗିର : ୧୮୭୧ରୁ ୧୯୪୭

୧୮୭୧ : ଜେଲ୍, ଡାକ୍ତରଖାନା ଓ ମନୋହରପୁର ଠାରେ ପୋଲିସ ଷ୍ଟେସନ ନିର୍ମାଣ

୧୮୭୨ : ବଲାଙ୍ଗିରକୁ ପାଟଣା ଷ୍ଟେଟ୍‌ର ରାଜଧାନୀ ରୂପେ ବିଜ୍ଞପ୍ତି ପ୍ରକାଶ

୧୮୯୬ : ଗୋପାଳଜୀ ମନ୍ଦିର ନିର୍ମାଣ

୧୮୯୮ : ରବିଚନ୍ଦ୍ର ସାଏ ବଲାଙ୍ଗିରର ପ୍ରଥମ ମେଟ୍ରିକ୍ୟୁଲେଟ୍ ହେଲେ

୧୯୦୦ : ନରସିଂହ ମନ୍ଦିର ନିର୍ମାଣ

୧୯୦୨ : ପାଟଣେଶ୍ୱରୀ ମନ୍ଦିର ନିର୍ମାଣ

୧୯୦୪ : ସନାତନ ଧର୍ମ ପତ୍ରିକାର ପ୍ରକାଶନ

୧୯୦୭ : ଅଘରିଆ ଗୁଡ଼ି (ଜଗନ୍ନାଥ ମନ୍ଦିର) ନିର୍ମାଣ

୧୯୦୮ : ଭରତ ଚନ୍ଦ୍ର ନାୟକ ବଲାଙ୍ଗିର ପ୍ରଥମ ଗ୍ରାଜୁଏଟ୍ ହେଲେ, ଦଳଗଂଜନ ପ୍ରେସ୍ ଓ ସନାତନ ମନ୍ଦିର ସ୍ଥାପନ ଓ ଫ୍ରେଜର ସର୍କିଟ୍ ହାଉସ୍ ନିର୍ମାଣ

୧୯୧୧ : ପାୱାର ହାଉସ୍ ନିର୍ମାଣ

୧୯୧୫ : ଜର୍ଜ ଲିଟରାରୀ କ୍ଳବ ଓ ସମଲେଶ୍ୱରୀ ମନ୍ଦିର ସ୍ଥାପନ

୧୯୧୬ : ପି.ଆର୍. ହାଇସ୍କୁଲ ସ୍ଥାପନ

୧୯୨୦ : ମହାଦେବ ମନ୍ଦିର ନିର୍ମାଣ

୧୯୨୨ : ଆଦର୍ଶ ବଗିଚା, ରାମ୍‌ସେ ଗୁରୁ ଟ୍ରେନିଂ ସ୍କୁଲ ଓ ବାଦଲ ମହଲ ନିର୍ମାଣ

୧୯୩୦ : କଚେରୀ ଭବନ ନିର୍ମାଣ

୧୯୩୬ : ଏକ୍ସ-ରେ ଚିକିତ୍ସାଳୟ ସ୍ଥାପନ

୧୯୩୯ : ରାଜ୍ୟଶ୍ରୀ ଧର୍ମଶାଳା ସ୍ଥାପନ, ପ୍ରତ୍ନତତ୍ତ୍ୱ ବିଭାଗର ଉନ୍ମୋଚନ

୧୯୪୦ : ପ୍ରତ୍ନତତ୍ତ୍ୱ ମ୍ୟୁଜିଅମ୍ ଓ ହାଇକୋର୍ଟର ସ୍ଥାପନ

୧୯୪୨ : ବଲାଙ୍ଗିରରେ ଅନୁଷ୍ଠିତ 'କୋଶଳ ସାହିତ୍ୟ ସମ୍ମିଳନୀ'ରେ ପରୀକ୍ଷିତ ଖଣ୍ଡୁଆଳଙ୍କ 'ମୋର ଘର' କବିତା ପାଇଁ ସ୍ୱର୍ଣ୍ଣପଦକ ପ୍ରଦାନ, ପୂର୍ଣ୍ଣଚନ୍ଦ୍ର ରଥଙ୍କ ରାଜେନ୍ଦ୍ର କଲେଜ ସ୍କିମ୍ ଉପସ୍ଥାପନ

୧୯୪୩ : ଶାରଦେଶ୍ୱରୀ ଆୟୁର୍ବେଦିକ ଚିକିତ୍ସାଳୟର ଉଦ୍‌ଘାଟନ

୧୯୪୪ : ରାଜେନ୍ଦ୍ର କଲେଜର ଅୟମାରମ୍ଭ, ପଣ୍ଡିତ ଅର୍ଜୁନ ହୋତାଙ୍କ ଶୁଭଦ୍ରାର୍ଜୁନ ନାଟକର ପ୍ରକାଶନ, ପ୍ରବୀଣ ନାଟ୍ୟକାର ଦିବ୍ୟସିଂହ ନାୟକଙ୍କ ତିରୋଧାନ, ପିଆର୍ ହାଇସ୍କୁଲର ଛାତ୍ର ବିଘ୍ନରାଜ ପଟେଲ ମେଟ୍ରିକ ପରୀକ୍ଷାରେ ୩ୟ ସ୍ଥାନ ଲାଭ

୧୯୪୫ : ଆୟୁର୍ବେଦିକ ଫାର୍ମାସିର ସଂସ୍ଥାପନ, କଳିଙ୍ଗ ଐତିହାସିକ ଗବେଷଣା ପରିଷଦ ସ୍ଥାପନ (ଅକ୍ଟୋବର ୧୩)

୧୯୪୬ : ୨୫ ଫେବୃଆରୀରେ କୋଶଳ କଳା ମଣ୍ଡଳ ଉଦ୍‌ଘାଟନ, ମଇ ମାସରେ 'ଚତୁରଙ୍ଗ'ର ପ୍ରକାଶନ (ପ୍ରଥମ ସଂପାଦକ ବ୍ରଜେନ୍ଦ୍ର ନାରାୟଣ ସିଂହଦେଓ)

ଏବଂ ୧ ଜାନୁଆରୀ ୧୯୪୮ରେ ଗଡ଼ଜାତ ମିଶ୍ରଣ ହୋଇଥିଲା । ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ 'କୋଶଳ ପ୍ରବାହ' ପରିବାର ପକ୍ଷରୁ ବଲାଙ୍ଗିର ବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।

**ମୋ.ନଂ. : ୯୪୩୯୨୭୮୨୦୭**




## ନାଟ୍ୟ ପୁସ୍ତକ 'କୁଇଲି କୁଇଲି କିଏ ରଜା' ଉନ୍ମୋଚିତ



ପଦ୍ମପୁର, (ନିପ୍ର) : ପଦ୍ମପୁର ନିକଟସ୍ଥ ମହୁଲପାଲି ଗାଁରେ ଅବସ୍ଥିତ 'ଲୁ' ନାଟ୍ୟଗ୍ରାମ ପରିସରରେ ଗୁରୁ ପ୍ରକାଶନୀ ଆନୁକୂଲ୍ୟରେ ନାଟ୍ୟକାର ପ୍ରଫେସର କେଶ ରଞ୍ଜନ ପ୍ରଧାନଙ୍କ ଲିଖିତ ନାଟ୍ୟ ପୁସ୍ତକ 'କୁଇଲି କୁଇଲି କିଏ ରଜା' ଉନ୍ମୋଚିତ ହୋଇଯାଇଛି । ନାଟ୍ୟକାର ଅଶୋକ ବହିଦାରଙ୍କ ସଂଯୋଜନା ତଥା ଡଃ ପ୍ରମୋଦ କୁମାର ପାଢୀଙ୍କ ସଭାପତିତ୍ୱରେ ଆୟୋଜିତ ଏଇ ଉତ୍ସବରେ ଗୁରୁ ପ୍ରକାଶନୀର ସଂପାଦକ ଡଃ ମାନଭଂଜନ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଉତ୍ପନ ଭୋଇ, ସମ୍ମାନିତ ଅତିଥି ଔପନ୍ୟାସିକ ଧନପତି ମହାପାତ୍ର, ଅଧ୍ୟାପକ ସନ୍ତୋଷ କୁମାର ତ୍ରିପାଠୀ ଏବଂ ସମୀକ୍ଷକ ଡଃ ଗୌରୀଦାଉ ପ୍ରଧାନ ମା' ସମଲେଇଙ୍କ ପ୍ରତିଛବିରେ ମାଲ୍ୟାର୍ପଣ କରି ଦୀପ ପ୍ରଜ୍ୱଳନ କରିଥିଲେ । ମୁଖ୍ୟ ଅତିଥି ପୁସ୍ତକକୁ ଉନ୍ମୋଚନ କରି ଲୋକାର୍ପଣ କରିଥିଲେ । 'କୁଇଲି କୁଇଲି କିଏ ରଜା' ନାଟ୍ୟ ପୁସ୍ତକଟି ପଶ୍ଚିମ ଓଡିଶା ନାଟ୍ୟ ସାହିତ୍ୟରେ ଏକ ନୂତନ ଦିଗ ସୃଷ୍ଟି କରିବ ବୋଲି ସମୀକ୍ଷକ ଡ. ପ୍ରଧାନ ମତବ୍ୟକ୍ତ କରିଥିଲେ । ନାଟ୍ୟକାର ଡ. ପ୍ରଧାନ ପୁସ୍ତକ ପ୍ରକାଶନ ସଂପର୍କିତ ଭିନ୍ନ ଭିନ୍ନ ଅନୁଭୂତି ପ୍ରକାଶ କରିଥିଲେ ।

ଏହି ଅବସରରେ ସାଗରିକା ଯୋଷୀ ସମ୍ବଲପୁରୀ ନୃତ୍ୟ ଓ ନାଟକ ପ୍ରଦର୍ଶନ କରିଥିଲେ । ମନୋରଞ୍ଜନ ସିଂ ବରିହା, ଜଗନ୍ନାଥ ବଢେଇ, ମହେଶ୍ୱର ସାହୁ, ରାଜ କୁମାର ସାହୁ, ଅଶୋକ କୁମାର ପୂଜାରୀ, ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର, ପ୍ରୀତିରଞ୍ଜନ ପ୍ରଧାନ, ଭିକାରୀ ଚରଣ ରଣା, ଡଃ ଦୁର୍ଗାଶୀଷ ପଟ୍ଟନାୟକ, ରମେଶ ଗୁର୍ଲା, ଗଜାନନ ନାଗ, ନିରଞ୍ଜନ ପୁରୋହିତ, ଅଜୟ ପୁରୋହିତ, ଉଦ୍ଧବ ଘିଭେଲା, ପ୍ରଜାପତି ଦୀପ, ଅଶ୍ୱିନୀ ପଟେଲ, ସୁବ୍ରତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ନାଟ୍ୟକାର ରାଜେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଜଳଚର ଜମି, ଗୋଚର ଜମି ଏବଂ ଜଙ୍ଗଲ ଜମି ଜବର ଦଖଲ ନହେଉ



ତୁରେକେଲା, (ନିପ୍ର) : ତୁରେକେଲା ବ୍ଲକ ଅନ୍ତର୍ଗତ ପ୍ରତ୍ୟେକ ପଂଚାୟତ, ପ୍ରତ୍ୟେକ ଗ୍ରାମର ଜଳଚର ଜମି, ଗୋଚର ଜମି ଏବଂ ଜଙ୍ଗଲ ଜମି ଜବର୍ ଦଖଲ ହେଉଥିବାରୁ ଅନେକ ଅସୁବିଧା ଉପୁଜୁଥିବା ଜଣାପଡିଛି । ଜଳଚର ଜମି ଜବର ଦଖଲ ହେଉଥିବାରୁ ଅନେକ ଗାଁ ଗୁଡିକରେ ବନ୍ଧ କିମ୍ବା ପୋଖରୀ ଗୁଡିକ ଛୋଟିଆ ହୋଇଯାଉଛି ଦିନକୁ ଦିନ । ଜନସାଧାରଣଙ୍କ ଗାଧୋଇବା ପାଇଁ ପାଣି ମୁନ୍ଦେ ମିଳି ପାରୁନାହିଁ । ସେହିପରି ଗୋଚର ଜମିକୁ ଜବରଦଖଲ କରିଥିବା ହେତୁ ତଥା ଜଙ୍ଗଲ ଜମି ଜବର ଦଖଲ ହେଉଥିବାରୁ ଜଙ୍ଗଲ କ୍ଷୟ ହେବାରେ ଲାଗିଛି । ଏହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ସୃଷ୍ଟି ହେଉଛି । ତେବେ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବୀ ହେଉଛି ।

# ଅଲଣ୍ଡା ଓ ଅର୍ସାତୁଲା ପଞ୍ଚାୟତର ବିଭିନ୍ନ ଅଂଚଳ ବୁଲି ଲୋକଙ୍କ ସମସ୍ୟା ବୁଝିଲେ ବିଧାୟକ ସନ୍ତୋଷ ସିଂ ସାଲୁଜା



କଂଟାବାଂଜି, (ନିପ୍ର) : ନିଜ ନିର୍ବାଚନ ମଣ୍ଡଳୀର ସମସ୍ତ ଅଂଚଳ ଭିନ୍ନ ଭିନ୍ନ ସମୟରେ ବୁଲି ଲୋକଙ୍କ ସମସ୍ୟା ବୁଝିବା ଦିଗରେ ସବୁବେଳେ ଚର୍ଚ୍ଚାରେ ରହି ଆସିଛନ୍ତି ବିଧାୟକ ସନ୍ତୋଷ ସିଂ ସାଲୁଜା । ଏହି କ୍ରମରେ କଂଟାବାଂଜି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସିନ୍ଧେକେଲା ଜୋନ୍‌ର ଅଲଣ୍ଡା ଓ ଅର୍ସାତୁଲା ଗ୍ରାମ ପଞ୍ଚାୟତର ବିଭିନ୍ନ ଅଂଚଳ ବୁଲି ଲୋକଙ୍କ ସହ ଭାବ ବିନିମୟ କରିବା ସହ ସେମାନଙ୍କ ସମସ୍ୟା ବୁଝିଛନ୍ତି । ଏହି ଅବସରରେ ଅର୍ସାତୁଲା ଗାଁରେ ନୂତନ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ଦେଖିବାକୁ ମିଳିଛି । ଏଥିସହିତ ସଂପୃକ୍ତ ପଞ୍ଚାୟତର ଦେହେଲି, କୁରଡ଼ିଆମୁଣ୍ଡା, ବାଲବେଙ୍ଗ ଆଦି ଗ୍ରାମକୁ ଯାଇ ଲୋକଙ୍କ ସହ ଆଲୋଚନା କରିଛନ୍ତି । ସେହିପରି ଅଲଣ୍ଡା ପଞ୍ଚାୟତର ଅଲଣ୍ଡା, ପୁତୁଲାତଲେଇ, ପଣ୍ଡରିପାନି, ବକାଗୁରା, ବୁଂଜିପଦର, ବଗର୍ଡିପଡ଼ା, ବହଲଗୁଭା, ପିତାମହୁଲ, ତେନ୍ତୁଲିପଡ଼ା ଆଦି ଗାଁକୁ ଯାଇ ସାଧାରଣରେ ରହିଥିବା ସମସ୍ୟା ବୁଝି ତାହାର ତୁରନ୍ତ ସମାଧାନ ପାଇଁ ଲୋକଙ୍କୁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି । ବିଧାୟକ ଶ୍ରୀ ସାଲୁଜାଙ୍କ ଏହି ଗସ୍ତରେ ବଙ୍ଗୋମୁଣ୍ଡା ବ୍ଲକ୍ ଅଧ୍ୟକ୍ଷା ରଂଜୁବାଳା ବେହେରା, ଉପାଧ୍ୟକ୍ଷ ମାମରାଜ ଜୈନ, ଭୋଳାନାଥ ବେହେରା, ସନ୍ଧେକେଲା ଜୋନ୍ ଯୁବ କଂଗ୍ରେସ ସଭାପତି ଟିଙ୍କୁ ସିଂହଦେଓ, ଭାଲୁମୁଣ୍ଡା ସରପଂଚ ଉପେନ୍ଦ୍ର ମେହେର, ଅର୍ସାତୁଲା ସରପଂଚ ହେମଲତା ବେହେରା, ମୁରଲୀଧର ବେହେରା, ବୃଷଭ ଗହୀର, ବିଘ୍ନରାଜ ମେହେର, କୁନା ବାମିଡ଼ି, ଓମ୍ ସାହୁ, ସମିତି ସଭ୍ୟ ପୀତାମ୍ବର ସୁନା, ପଙ୍କଜ ସାହୁ, ଯୁବରାଜ ବାଗ, ଲକ୍ଷ୍ମୀଧର ବାଗ, ମୁକେଶ ତାଣ୍ଡି, ସାତପାଳ ଜୈନ ପ୍ରମୁଖ ସାମିଲ୍ ହୋଇଥିଲେ ।

# ଅବସରପ୍ରାପ୍ତ ସେଲ୍ କର୍ମଚାରୀ ସଂଘର ସାଧାରଣ ବୈଠକ



ରାଉରକେଲା, (ନିପ୍ର) : ଦକ୍ଷିଣ ରାଉରକେଲା ଅବସରପ୍ରାପ୍ତ ସେଲ୍ କର୍ମଚାରୀ ସଂଘର ସାଧାରଣ ବୈଠକ ସ୍ଥାନୀୟ ସୋନା ଉଦ୍ୟାନଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସଭାପତି ଦିଲ୍ଲୀପ କୁମାର ନାୟକ ପୁରୁଣା କମିଟିକୁ ଭଂଗ କରିବା ସଂଗେ ସଂଗେ ନୂତନ କମିଟି ସର୍ବସମ୍ମତି କ୍ରମେ ଗଢ଼ିବାକୁ ନିର୍ଦ୍ଦେଶ ଦେଇଥିଲେ । ପୂର୍ବତନ ସାଧାରଣ ସଂପାଦକ ଗୌରାଙ୍ଗ ଦାଶ ସଭ୍ୟମାନଙ୍କୁ ନୂଆ କରି କର୍ମକର୍ତ୍ତା ଚୟନ କରିବାକୁ ପ୍ରସ୍ତାବ ଆଗତ କରିଥିଲେ । ଏହି ପରିପ୍ରେକ୍ଷୀରେ ସଭାପତି ଦିଲ୍ଲୀପ କୁମାର ନାୟକ, ଉପସଭାପତି ସୁଧାକର ମଲ୍ଲିକ, କାର୍ଯ୍ୟକାରୀ ସଭାପତି ଚାନ୍ଦମଣି ନାୟକ, ସାଧାରଣ ସଂପାଦକ ଗୌରାଙ୍ଗ ଚନ୍ଦ୍ର ଦାଶ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିବା ବେଳେ ସଂପାଦକ ଦ୍ୱୟ ହେଲେ ପ୍ରମୋଦ କୁମାର ବେହେରା ଓ ମୁରଲୀଧର ଗୌଡ଼ । କୋଷାଧ୍ୟକ୍ଷ ବିଷ୍ଣୁଚରଣ ନାୟକ ଓ ଅଡିଟର ଭାବେ ଲାକନାଥ ଦାସଙ୍କୁ ମନୋନୀତ କରାଯାଇଥିଲା ।

ଏହାପରେ ଆଲୋଚନାରେ ପ୍ରମୋଦ କୁମାର ନାୟକ ହେଗେଡ଼ ରାସ୍ତା ଓ ଅଫିସ ଗୃହ ପାଇଁ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଦକ୍ଷିଣ ରାଉରକେଲାର ଏକମାତ୍ର ପିକ୍‌ନିକ୍ ସ୍ଥାନ ସୋନା ଉଦ୍ୟାନରେ ପାଣିର ଅଭାବ ଦୃଷ୍ଟରୁ ପିକ୍‌ନିକ୍ ଦଳ ପାଣି କିଣି ବଣଭୋଜି କରିଥିଲେ । ଏହାଠାରୁ ଦୁଃଖ ଓ ପରିତାପର ବିଷୟ ଆଉ କ'ଣ ଥାଇପାରେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଲିଆସ କିଶୋର ମାନସିଂ, ଏସ୍.କେ.ଶର୍ମା, ହାରାଧନ ସିଂହ, ପଦ୍ମଲୋଚନ ଭୋରା, ଏସ୍.ଆର୍. ପଣ୍ଡିତ, କେ.ଏମ୍.ସାମଲ୍, ରାସବିହାରୀ ଧଳ, ଏସ୍.ସି.ଚୌଧୁରୀ, ସି.ଗୌରାଙ୍ଗ ପାତ୍ର, ପ୍ରକାଶ ସାମନ୍ତରାୟ, ବିରଂଚି ମିଶ୍ର, ସୁକାନ୍ତ ବାରିକ, ଏସ୍‌ଏନ୍.ନାଗ, ବ୍ରଜକିଶୋର ଖେରା, କାଳନ୍ଦି ଦାସ, ସୁଶାନ୍ତ ଦାସ, ଭାସ୍କର ଦାସ, ଜି.କେ.ରଥ, ନାରାୟଣ ନାୟକ, ବି.କେ.ନାୟକ, ଟି.ଏନ୍.ରାଓ, ବି.କେ.ସେଠୀ, ନବକିଶୋର ଜେନା, ସୁରେନ୍ଦ୍ର ଦାସ, ବିପ୍ରଚରଣ ସିଓ, ବଲ୍ଲଭ ଦାସ, ବି.କେ.ଜେନା, ପି.କେ.ଡାକୁଆ ପ୍ରମୁଖ ଯୋଗ ଦେଇଥିଲେ । ପରିଶେଷରେ ଉପସଭାପତି ସୁଧାକର ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କମଳନୀ ଏସଏଚଜିରେ ଚାଷୀଙ୍କ ନାଁରେ ଧାନ ବିକୁଛନ୍ତି ବେପାରୀ : ତଦନ୍ତ ହେବ, କହିଲେ ଜିଲ୍ଲାପାଳ

ସଇଁତଲା, (ନିପ୍ର) : ଧାର କରଜ ଆଣି ଚାଷୀ ବିଲରେ ଧାନ ବୁଣି ଅମଳ କରିଥାଏ । ଭଲ ଅମଳ ହେଲେ କିଛି ଟଙ୍କା ମିଳିବ ଓ ପରିବାର ପୋଷଣ କରିବ । ଏଭଳି ଅନେକ ଆଶା ନେଇ ଚାଷୀଙ୍କ ମହଲରେ ଉତ୍ସାହ ଦେଖିବାକୁ ମିଳିଥାଏ । ତେବେ ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ଘୁନସର ଗ୍ରାମରେ ଥିବା କମଳିନୀ ଏସଏଚଜି ମହିଳା ଗୋଷ୍ଠୀ ଧାନ କିଣୁଛନ୍ତି । କିନ୍ତୁ ଚାଷୀଙ୍କ ନାଁରେ ସିଧା ମିଲ୍‌କୁ ନେଇ ବେପାରୀ ଏନ୍‌ଟ୍ରି କରୁଥିବା ଅଭିଯୋଗ ହୋଇଛି । ତେବେ ସଇଁତଲା ବ୍ଲକର ୨୨ଟି ପଂଚାୟତ ମଧ୍ୟରୁ ୧୧ଟି ସମବାୟ ସମିତି ରହିଥିବା ବେଳେ କିଛି ଏସଏଚଜି ମହିଳା ଦଳ ମଧ୍ୟ ଧାନ କିଣୁଛନ୍ତି । ହେଲେ ଚାଷୀଙ୍କୁ ଟୋକନ ମିଳିଥିଲେ ସୁଦ୍ଧା ବେପାରୀଙ୍କୁ ଆଗେ ସୁଯୋଗ ଦିଆଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ବଲାଙ୍ଗିର ଜିଲ୍ଲାପାଳ କହିଛନ୍ତି, ଯଦି ଏଭଳି କାର୍ଯ୍ୟ ହେଉଛି ତେବେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ଘୁନସର କମଳିନୀ ଏସଏଚଜି ଧାନ ସଂଗ୍ରହ କେନ୍ଦ୍ରରେ ବେପାରୀଙ୍କ ଦବଙ୍ଗଗିରି ଚାଲିଛି ବୋଲି ଆଲୋଚନା ହେଉଛି । ଏଥିରେ ପ୍ରକୃତ ଚାଷୀ ଧାନ ବିକ୍ରି କରିବାରେ ବିଫଳ ହେଉଛନ୍ତି । ତେବେ ସଇଁତଲା ବ୍ଲକର ବିଭିନ୍ନ ମଣ୍ଡିରେ ହଜାର ହଜାର କ୍ୱିଣ୍ଟାଲ ଧାନ ପଡି ରହିଥିବା ନେଇ ଅନେକ ଥର ଚାଷୀ ପ୍ରତିବାଦ କରୁଥିଲେ ମଧ୍ୟ ସରକାରୀ ବାବୁ ନିରବଦ୍ରଷ୍ଟା ସାଜିଥିବା ଦେଖାଦେଇଛି । କମଳିନୀ ଏସଏଚଜିରେ ସରକାରୀ ନିୟମ ଅନୁଯାୟୀ ଚାଷୀଙ୍କ ପାଇଁ କୌଣସି ପ୍ରକାରର ସୁବିଧା ସୁଯୋଗ କରାଯାଉନାହିଁ । ଏସଏଚଜିର ମହିଳାମାନେ ରହି ଧାନ କିଣିବା କଥା, ହେଲେ କାହାର ମଧ୍ୟ ଦେଖାନାହିଁ । ଏହି ଧାନ କିଣା କେନ୍ଦ୍ରରେ ସିସିଟିଭି ମଧ ଲାଗିଛି, ହେଲେ ନାମକୁ ମାତ୍ର । ସିଧାସଳଖ ମିଲ୍‌କୁ ଧାନ ଯାଇ ଏନ୍‌ଟ୍ରି କରାଯାଉଛି ।

ସରକାର ମଣ୍ଡି ଖୋଲିବା ଆରମ୍ଭରୁ ଧାନକିଣା ପ୍ରକ୍ରିୟାକୁ ସ୍ୱଚ୍ଛ ଓ ସଠିକ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ସରକାରୀ ନିର୍ଦ୍ଦେଶ କାଗଜପତ୍ରରେ ରହି ଯାଇଛି । ଫଳରେ ଅନେକ ଗୁଡ଼ିଏ ପ୍ୟାକ୍ସରେ ବ୍ୟାପକ ଦୁର୍ନୀତି ଏବଂ ଅରାଜକତା ଦେଖିବାକୁ ମିଳୁଛି । ଅନ୍ୟପଟେ ଅନେକ ଚାଷୀଙ୍କ ଟୋକନ ଲେପ୍ସ ହୋଇ ଗଲାଣି । ଯେଉଁଥିରେ ପ୍ରକୃତ ଚାଷୀ ଚିନ୍ତାରେ ଅନାଇ ବସିଛନ୍ତି । ଟାର୍ଗେଟ୍ ଆସିଲେ ଅସାଧୁ ବେପାରୀମାନେ ପ୍ୟାକ୍ସ ସମ୍ପାଦକ ଓ ଏସଏଚଜିଙ୍କ ସହ କଥା ହୋଇ ସଲାସୁତୁରା କରି ଚାଷୀଙ୍କ ନାଁରେ ଏନ୍‌ଟ୍ରି କରି ଧାନ ନେଉଛନ୍ତି ବୋଲି ଅଭିଯୋଗ ହେଉଛି । ଅନ୍ୟପଟେ ଦାବୀ ହେଉଛି ଯେ, ଏହି ଧାନ କିଣା କେନ୍ଦ୍ରରେ ସିସିଟିଭି ଲାଗିଥିବା ବେଳେ ଯଦି ପ୍ରକୃତରେ ଧାନ ଚାଷୀ ବିକୁଛନ୍ତି ନା ଦଲାଲ ବିକ୍ରି କରୁଛି ତାହାର ତଦନ୍ତ କରାଯାଉ । ଏନେଇ ଟିଟିଲାଗଡ ଉପଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କୁ ପଚାରିବାରୁ ସେ ମଧ୍ୟ ତଦନ୍ତ କରାଯିବ ବୋଲି କହିଛନ୍ତି ।

ତେବେ ବଲାଙ୍ଗିର ଜିଲ୍ଲାରେ ପ୍ରାୟ ପେକ୍ସ ଗୁଡ଼ିକରେ ଧାନକିଣାରେ ଅନିୟମିତତା ଲାଗି ରହିଥିବା ଦେଖିବାକୁ ମିଳୁଛି । କେଉଁଠି ଦଲାଲ ରାଜ୍ ତ' ଆଉ କେଉଁଠି ଉଚିତ ଚାଷୀ ଧାନ ବିକି ପାରୁନାହାଁନ୍ତି । ପୁଣି କେଉଁଠି ଚାଷୀଙ୍କୁ ଟୋକନ୍ ମିଳିନାହିଁ । ଏଭଳି ଧାନକିଣାରେ ଅନେକ ପ୍ରକାରର ସମସ୍ୟାରେ ବୁଡ଼ି ରହିଛି ବଲାଙ୍ଗିର ଜିଲ୍ଲା । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବୀ ହେଉଛି ।

# କନ୍ଧମାଳ ଟିମ ହ୍ୟୁମାନିଟି ତରଫରୁ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ସହ ରକ୍ତଦାନ ଶିବିରର ଆୟୋଜନ




କନ୍ଧମାଳ, (ନିପ୍ର) : ୨୦୧୯ ମସିହା ଫେବୃଆରୀ ମାସ ୧୪ ତାରିଖ ଦିନ ଜାମ୍ମୁ ଓ କାଶ୍ମୀରର ପୁଲୱାମା ଠାରେ ଆତଙ୍କବାଦୀ ମାନଙ୍କର ଆତ୍ମଘାତି ବିସ୍ଫୋରଣରେ ସହିଦ ହୋଇଥିବା ୪୦ ଜଣ ସିଆର୍‌ପିଏଫ୍ ଯବାନ ମାନଙ୍କର ଅମର ଆତ୍ମାର ସଦଗତି ଏବଂ ଦେଶ ପାଇଁ ସେମାନେ ଦେଇଥିବା ବଳିଦାନକୁ ସମ୍ମାନ ଜଣାଇ ଟିମ ହ୍ୟୁମାନିଟି କନ୍ଧମାଳ ତରଫରୁ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ସମେତ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା । ଟିମ ହ୍ୟୁମାନିଟି କନ୍ଧମାଳର ଆବାହକ ଭି. ଲୋକନାଥ ରାଜୁଙ୍କ ନେତୃତ୍ୱରେ ଫୁଲବାଣୀ ମାଦିକୁନ୍ଦା ଛକ ଠାରେ ଟିମର ସଦସ୍ୟ ଓ ସଦସ୍ୟାମାନେ ଏକତ୍ରିତ ହୋଇଥିଲେ । ସେଠାରେ ପୁଲୱାମା ସହିଦ ଯବାନଙ୍କ ତୈଳ ଚିତ୍ର ଥିବା ଏକ ବ୍ୟାନର ନେଇ ଟିମର ସଦସ୍ୟ ଓ ସଦସ୍ୟା ମାନେ ସହିଦ ଯବାନ ଅମର ରହେ ଓ ଜୟ ଯବାନ ନାରା ଦେଇ ସମଗ୍ର ସହର ପରିକ୍ରମା କରି ଏକ ଶୋଭାଯାତ୍ରାରେ ସ୍ଥାନୀୟ ରକ୍ତ ଭଣ୍ଡାରରେ ପହଂଚିଥିଲେ । ସେଠାରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ଫୁଲବାଣୀ ଉପଖଣ୍ଡ ପୋଲିସ ଅଧିକାରୀ ମହେନ୍ଦ୍ରନାଥ ମୁର୍ମୁ ଉଦଘାଟନ କରିଥିଲେ । ଏହି ଅବସରରେ ତାଙ୍କ ସହିତ ଜିଲ୍ଲା ଅପାତକାଳୀନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ, ଟିମ ଉପଦେଷ୍ଟା ରମେଶ ଚନ୍ଦ୍ର ମହାନ୍ତି, ଅଶୋକ କୁମାର ମହାନ୍ତି ଓ ପ୍ରଶାନ୍ତ କୁମାର ବେହେରା ଫୁଲବାଣୀ ଆଦର୍ଶ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀ ପ୍ରମୁଖ ଉପସ୍ଥିତି ଥିଲେ । ଶିବିରରେ ରକ୍ତ ସଂଗ୍ରହ କାର୍ଯ୍ୟ ରକ୍ତ ଭଣ୍ଡାରର କର୍ମଚାରୀ ଶରତ ଚନ୍ଦ୍ର ଭଟ, ଦୀନକୃଷ୍ଣ ମହନ୍ତ, ସୁଜିତ କୁମାର ସାହୁ, ଲକ୍ଷ୍ମୀଧର ମଣ୍ଡଳ, ତୁଷାରକାନ୍ତ ପ୍ରଧାନ, ବରୁଣ ବେହେରା ଓ ସଂଯୁକ୍ତା ଦଳଛତ୍ର ପ୍ରମୁଖ ସମ୍ପାଦନ କରିଥିଲେ । ଏହି ଶିବିରରେ ମୋଟ ୧୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଶିବିରରେ ୧୦୮ ଆମ୍ବୁଲାନ୍ସର ଜିଲ୍ଲା ପରିଚାଳକ ସୁନୀଲ କୁମାର ମିଶ୍ର ଓ କର୍ମଚାରୀ, ଫୁଲବାଣୀ ଆଇଟିଆଇର ଛାତ୍ର, କନ୍ଧମାଳ କନେଷ୍ଟବଳ ଓ ହାବିଲଦାର ସଂଘର ସୁନୀଲ କୁମାର ପରିଡା ଏବଂ କର୍ମଚାରୀ ତଥା ଫୁଲବାଣୀର ସମସ୍ତ ଗଣମାଧ୍ୟମର ପ୍ରତିନିଧି ଓ ସ୍ୱେଚ୍ଛାସେବୀ ସୁକାନ୍ତ ବେହେରା, ଉମେଶ ପ୍ରସାଦ ପାତ୍ର, ମନୋଜ କୁମାର ଚୌଧୁରୀ ଏବଂ ଟିମ ହ୍ୟୁମାନିଟି କନ୍ଧମାଳର ସମସ୍ତ ସଦସ୍ୟ ଓ ସଦସ୍ୟା ମାନେ ଉପସ୍ଥିତ ରହି ଏହି ରକ୍ତ ସଂଗ୍ରହ କାର୍ଯ୍ୟରେ ସହଯୋଗ କରିଥିଲେ ।

# ନାନ୍ଦୁପଲା ପଂଚାୟତ କାର୍ଯ୍ୟାଳୟରେ ଅଙ୍ଗନବାଡ଼ି କର୍ମୀଙ୍କ ବାର୍ଷିକ ବୈଠକ ଅନୁଷ୍ଠିତ



ଖପ୍ରାଖୋଲ, (ନିପ୍ର) : ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ପଂଚାୟତ କାର୍ଯ୍ୟାଳୟ ଠାରେ ଅଲ ଓଡିଶା ଲେଡିସ ଅଙ୍ଗନୱାଡି ୱାର୍କସ ଆସୋସିଏସନର ନିଷ୍ପତ୍ତି କ୍ରମେ ରବିବାର ହେମବତୀ ସୁନାଙ୍କ ଅଧ୍ୟକ୍ଷତାରେ ସଂଘର ବାର୍ଷିକ ବୈଠକ ସହ ନୂତନ କର୍ମକର୍ତ୍ତା ଚୟନ ହୋଇ ଯାଇଛି । ବୈଠକରେ ଜିଲ୍ଲା ସମ୍ପାଦିକା ବିନୋଦିନୀ ପୁଟେଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଥମେ ସଂଘର ବାର୍ଷିକ ଆୟ ବ୍ୟୟ ଉପରେ ଆଲୋଚନା ହେବା ସହ ସଂଘକୁ ତୃଣମୂଳ ସ୍ତରରୁ କିପରି ସୁଦୃଢ଼ କରାଯାଇ ପାରିବ ସେ ନେଇ ମତାମତ ଗ୍ରହଣ କରାଯାଇଥିଲା । ସରକାର ଅଙ୍ଗନୱାଡ଼ି କର୍ମୀଙ୍କୁ ଏଣ୍ଡ୍ରୋଏଡ୍ ମୋବାଇଲ ଯୋଗାଇ ଦେବାକୁ ଘୋଷଣା କରାଯାଇଥିଲେ ମଧ ଅଦ୍ୟାବଧି ମୋବାଇଲ ପ୍ରଦାନ କରା ଯାଇନାହିଁ । ଏଣୁ ମୋବାଇଲ ଯୋଗେ ରିପୋର୍ଟ ପ୍ରଦାନ ବନ୍ଦ କରିବାକୁ ଜିଲ୍ଲା ସମ୍ପାଦିକା ଶ୍ରୀମତୀ ପୁଟେଲ ଦାବୀ କରିଥିଲେ । ପରେ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉପସ୍ଥିତ ସଦସ୍ୟାଙ୍କ ସହମତି କ୍ରମେ ସଭାନେତ୍ରୀ ଭାବେ ମଞ୍ଜୁଲତା ବେହେରା, ଉପ ସଭାନେତ୍ରୀ ଜ୍ୟୋତ୍ସ୍ନା ମଲ୍ଲି, ସମ୍ପାଦିକା ସନ୍ଧ୍ୟାରାଣୀ ଗିରି, ସହ ସମ୍ପାଦିକା ପ୍ରତିମା ବରିହା, କୋଷାଧ୍ୟକ୍ଷ ଗୀତାଞ୍ଜଳି ପଟେଲଙ୍କୁ ମନୋନୀତ କରାଯାଇଛି । ସେକ୍ଟର ଲିଡର ଭାବେ ଲାଠୋରରୁ ମମତା ସଗରିଆ, ଅଞ୍ଜଳି ଭୁଏ, ରେଙ୍ଗାଲିରୁ ରମାବତୀ ବିଶି, ଅଏଲା ନାଗ, ମହାରାପଦରରୁ ଜାନକି ଶବର, ରେବତୀ ମେହେର. ଲୁହାସିଂହାରୁ ଗୌରୀ ନାଏକ, ଭୂମିସୁତା ରାଜହଂସ, ଧଣ୍ଡାମୁଣ୍ଡାରୁ ଗୀତା ଭୋଇ, ସପ୍ତମୀ ଭୁଏ, ମାଟିଆଭଟାରୁ ଝୁନିଲତା ବଗର୍ତ୍ତି, ସସ୍ମିତା ଗୁଆଲ, ଖପ୍ରାଖୋଲରୁ ନଳିନୀ ନାଗ ଓ କସ୍ତୁରୀ ଦୀପ ମନୋନୀତ ହୋଇଛନ୍ତି । କାର୍ଯ୍ୟକ୍ରମ ପରିଚାଳନା ପ୍ରତିମା ଦାସ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ରୋଜି ମେହେର ।

# ଫ୍ୟାମିଲି ପେନସନ୍ ସୀମା ମାସିକ ୪୫,୦୦୦ ଟଙ୍କାରୁ ୧,୨୫,୦୦୦ ଟଙ୍କାକୁ ବୃଦ୍ଧି : ଡ. ଜିତେନ୍ଦ୍ର ସିଂ

ନୂଆଦିଲ୍ଲୀ, (ପିଆଇବି) : କେନ୍ଦ୍ର ସରକାର ଫ୍ୟାମିଲି ପେନସନ୍ କ୍ଷେତ୍ରରେ ଏକ ସୁଦୂରପ୍ରସାରୀ ସଂସ୍କାର ଆଣିଛନ୍ତି । ଏହାର ସର୍ବାଧିକ ସୀମାକୁ ମାସିକ ୪୫,୦୦୦ ଟଙ୍କାରୁ ୧,୨୫,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଏ ସମ୍ପର୍କରେ ସୂଚନା ଦେଇଛନ୍ତି ଉତ୍ତର ପୂର୍ବାଂଚଳ କ୍ଷେତ୍ର (ଡୋନିଅର) ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ), ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କାର୍ମିକ, ସାଧାରଣ ଅଭିଯୋଗ, ପେନସନ ପ୍ରଶାସନ, ଆଣବିକ ଶକ୍ତି ଓ ମହାକାଶ ରାଷ୍ଟ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂ । ସେ କହିଛନ୍ତି, ଏହି ପଦକ୍ଷେପ ଫଳରେ ପରଲୋକଗତ କର୍ମଚାରୀଙ୍କ ପରିବାର ସଦସ୍ୟଙ୍କ ଜୀବନ ଧାରଣ ସହଜ ହେବା ସହିତ ସେମାନଙ୍କୁ ଯଥେଷ୍ଟ ଆର୍ଥିକ ସୁରକ୍ଷା ପ୍ରଦାନ ମିଳିପାରିବ । ମନ୍ତ୍ରୀ ଆହୁରି କହିଥିଲେ ଯେ, ମାତାପିତାଙ୍କ ମୃତ୍ୟୁ ପରେ ଯଦି ସେମାନଙ୍କର ସନ୍ତାନ ଫ୍ୟାମିଲି ପେନସନର ଦୁଇଟି କିସ୍ତି ଉଠାଇବା ଲାଗି ଅଧିକୃତ ହୋଇଥାନ୍ତି, ସେହି ଅର୍ଥରାଶିର ପରିମାଣ ସମ୍ପର୍କରେ ପେନସନ ଓ ପେନସନଭୋଗୀ କଲ୍ୟାଣ ବିଭାଗ (ଡିଓପିପିଡବ୍ଲୁ) ପକ୍ଷରୁ ସ୍ପଷ୍ଟୀକରଣ ଜାରି କରାଯାଇଛି । ଡ. ସିଂହ କହିଛନ୍ତି ଯେ ଏବେ ଏହି ଦୁଇଟି କିସ୍ତିର ମୋଟ ଅର୍ଥରାଶି ୧,୨୫,୦୦୦ ଟଙ୍କାରୁ ଅଧିକ ହେବ ନାହିଁ । ଏହା ପୂର୍ବ ସର୍ବାଧିକ ସୀମା ଠାରୁ ଅଢେଇ ଗୁଣା ଅଧିକ ବୃଦ୍ଧି ।

କେନ୍ଦ୍ର ପ୍ରଶାସନିକ ସେବା (ପେନସନ) ନିୟମାବଳୀ, ୧୯୭୨ର ନିୟମ ୫୪ର ଉପନିୟମ ୧୧ ଅନୁରୂପ, ଯଦି ସ୍ୱାମୀ ଏବଂ ସ୍ତ୍ରୀ ଉଭୟ ସରକାରୀ ଚାକିରିରେ ଅଛନ୍ତି ଏବଂ ଏହି ନିୟମ ଅଧୀନରେ ଆସୁଛନ୍ତି, ତା'ହେଲେ ସେମାନଙ୍କର ପରଲୋକ ସ୍ଥିତିରେ ତାଙ୍କର ଜୀବିତ ସନ୍ତାନ ଓ ମାତାପିତାଙ୍କୁ ଦୁଇଟି କିସ୍ତି ଫ୍ୟାମିଲି ପେନସନ ପାଇବା ଲାଗି ଯୋଗ୍ୟ ହେବେ । ଏଥିପୂର୍ବରୁ ଜାରି ନିର୍ଦ୍ଦେଶରେ ନିର୍ଦ୍ଧାରଣ କରାଯାଇଥିଲା ଯେ ଏପରି ମାମଲାରେ ଦୁଇଟି ପେନସନ କିସ୍ତିର ମୋଟ ଅର୍ଥରାଶି ମାସିକ ଯଥାକ୍ରମେ ୪୫,୦୦୦ ଟଙ୍କା ଏବଂ ୨୭,୦୦୦ ଟଙ୍କା ହେବ ଅର୍ଥାତ୍ କ୍ରମଶଃ ୫୦ ପ୍ରତିଶତ ଏବଂ ୩୦ ପ୍ରତିଶତ ଦରରୁ ଅଧିକ ହେବନାହିଁ । ଷଷ୍ଠ ବେତନ ଆୟୋଗଙ୍କ ସୁପାରିସ ଅନୁରୂପ ୯୦,୦୦୦ ଟଙ୍କାର ସର୍ବାଧିକ ବେତନ ସନ୍ଦର୍ଭରେ ଏହି ବର୍ଦ୍ଧିତ ଅର୍ଥରାଶି ନିର୍ଦ୍ଧାରଣ କରାଯାଇଛି ।

ବର୍ତ୍ତମାନ ସପ୍ତମ ବେତନ ଆୟୋଗଙ୍କ ସୁପାରିସ ଅନୁସାରେ ସର୍ବାଧିକ ବେତନ ବୃଦ୍ଧି ପାଇଁ ମାସିକ ୨,୫୦,୦୦୦ ଟଙ୍କା ହୋଇସାରିଛି । ତେଣୁ କେନ୍ଦ୍ରୀୟ ପ୍ରଶାସନିକ ସେବା ପେନସନ ନିୟମ ୫୪(୧୧) ଅନୁସାରେ ଏହି ଅର୍ଥରାଶି ୨,୫୦,୦୦୦ ଟଙ୍କାର ୫୦ ପ୍ରତିଶତ ଅର୍ଥାତ ୧,୨୫,୦୦୦ ଟଙ୍କା ଏବଂ ୨,୫୦,୦୦୦ ଟଙ୍କାର ୩୦ ପ୍ରତିଶତ ଅର୍ଥାତ୍ ୭୫,୦୦୦ ଟଙ୍କା ନିର୍ଦ୍ଧାରଣ କରାଯାଇଛି ।

ବିଭିନ୍ନ ମନ୍ତ୍ରଣାଳୟ/ବିଭାଗ ନିକଟରୁ ପ୍ରାପ୍ତ ପ୍ରସ୍ତାବ ସମ୍ପର୍କରେ ଏହି ସ୍ପଷ୍ଟୀକରଣ ଜାରି କରାଯାଇଛି । ବର୍ତ୍ତମାନର ନିୟମ ଅନୁଯାୟୀ ଯଦି କୌଣସି ସନ୍ତାନଙ୍କ ମାତା-ପିତା ସରକାରୀ ଚାକିରିରେ ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଜଣଙ୍କର ଚାକିରି କାଳରେ ମୃତ୍ୟୁ ହୋଇସାରିଛି କିମ୍ବା ସେ ଅବସର ଗ୍ରହଣ କରିସାରିଛନ୍ତି ତା'ହେଲେ ପରଲୋକଗତ ବ୍ୟକ୍ତିଙ୍କର ଫ୍ୟାମିଲି ପେନସନ ତାଙ୍କର ଜୀବିତ ସାଥୀଙ୍କୁ ଦିଆଯିବ ।

ଆହୁରି ଯଦି ସାଥୀଙ୍କର ମୃତ୍ୟୁ ଘଟେ ତା'ହେଲେ ତାଙ୍କର ଜୀବିତ ପିଲା ନିଜର ଯୋଗ୍ୟତା ସାବ୍ୟସ୍ତ କରିବା ପରେ ତାଙ୍କୁ ନିଜ ସ୍ୱର୍ଗବାସୀ ମାତା-ପିତା ଉଭୟଙ୍କ ପାରିବାରିକ ପେନସନ ପ୍ରଦାନ କରାଯିବ ।

# ନାବାଳିକା ଅପହରଣ ଓ ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତକୁ ଖୁଣ୍ଟରେ ବାନ୍ଧି ନିସ୍ତୁକ ଛେଚିଲେ ଉତ୍ୟକ୍ତ ଗାଁ ଲୋକେ



କେନ୍ଦୁଝର : ନାବାଳିକା ଅପହରଣ ଓ ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତକୁ ଖୁଣ୍ଟରେ ବାନ୍ଧି ନିସ୍ତୁକ ପିଟିଲେ ଉତ୍ୟକ୍ତ ଗ୍ରାମବାସୀ । ଏଭଳି ଏକ କଙ୍ଗାରୁ କୋର୍ଟ ଘଟଣା ଘଟିଛି କେନ୍ଦୁଝରରେ । ସୂଚନା ଅନୁସାରେ କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା କିରିଦାପଶି ଗାଁରେ ଅଭିଯୁକ୍ତ ଯୁବକକୁ ଗ୍ରାମବାସୀ ଘରୁ ଟାଣି ଆଣି ଗାଁ ମଝିରେ ଥିବା ଏକ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ ମାରିଛନ୍ତି ।

ଖବର ପାଇ ତୁରୁମୁଙ୍ଗା ପୁଲିସ ଘଟଣାସ୍ଥଳରେ ପହଂଚି ଯୁବକକୁ ଉତ୍ୟକ୍ତ ଗ୍ରାମବାସୀଙ୍କ କବଳରୁ ଉଦ୍ଧାର କରିଛି । ମିଳିଥିବା ଖବର ଅନୁସାରେ ଶନିବାର ସନ୍ଧ୍ୟାରେ ଗାଁର ଜଣେ ନାବାଳିକା ପଡୋଶୀ ଘରକୁ ଯାଇ ଅଭିଯୁକ୍ତ ନାବାଳିକାର ପାଟିକୁ ବନ୍ଦ କରି ନିଛାଟିଆ ସ୍ଥାନକୁ ଟେକି ନେଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଏହା ଜାଣିବା ପରେ ଉତ୍ୟକ୍ତ ଗ୍ରାମବାସୀ ଅଭିଯୁକ୍ତକୁ ଘରୁ ଟାଣିଆଣି ଗାଁ କ୍ଲବ ପାଖ ଖୁଂଟରେ ବାନ୍ଧି ନିସ୍ତୁକ ମାଡ ମାରିଥିବା ଖବର ମିଳିଛି ।

# ଡିଜିଲକର ମାଧ୍ୟମରେ ଡିଜିଟାଲ ଇନ୍ସୁ୍ୟରାନ୍ସ ପଲିସି ପ୍ରଦାନ କରିବାକୁ ସବୁ ବୀମା କଂପାନୀକୁ ଆଇଆରଡିଏଆଇର ପରାମର୍ଶ

- ଏହାଦ୍ୱାରା ଗ୍ରାହକ ଅଧିକ ସୁବିଧା ପାଇବେ ଏବଂ ସେମାନଙ୍କର କ୍ଲେମ ପରିଶୋଧ କାର୍ଯ୍ୟ ସହଜ ଓ ଶୀଘ୍ର ହୋଇପାରିବ
- ଡିଜିଟାଲ ପଲିସି ଦ୍ୱାରା ବିବାଦ ଏବଂ ଠକେଇ କମିବ

ନୂଆଦିଲ୍ଲୀ, (ପିଆଇବି) : ଭାରତୀୟ ବୀମା ନିୟନ୍ତ୍ରକ ପ୍ରାଧିକରଣ ବା ଆଇଆରଡିଏଆଇ ଚଳିତମାସ ୯ ତାରିଖରେ ଏକ ନିର୍ଦ୍ଦେଶାବଳୀ ଜାରି କରି ପଲିସିଧାରୀମାନଙ୍କୁ ଡିଜିଲକର ମାଧ୍ୟମରେ ଡିଜିଟାଲ ଇନ୍ସୁ୍ୟରାନ୍ସ ପଲିସି ଯୋଗାଇ ଦେବାକୁ ସବୁ ବୀମା କଂପାନୀଙ୍କୁ ପରାମର୍ଶ ଦେଇଛି । ଏଥିରେ କୁହାଯାଇଛି ଯେ ବୀମା କ୍ଷେତ୍ରରେ ଡିଜିଲକର ଉପଯୋଗକୁ ପ୍ରୋତ୍ସାହିତ କରିବାକୁ ସବୁ ବୀମା କଂପାନୀଙ୍କୁ ନିଜର ସୂଚନା ପ୍ରଯୁକ୍ତି ବ୍ୟବସ୍ଥାକୁ ଅନୁକୂଳ କରିବା ଉଚିତ । ଏହାଦ୍ୱାରା ପଲିସିଧାରୀ ଡିଜିଲକର ବ୍ୟବସ୍ଥାରେ ନିଜର ସମସ୍ତ ବୀମା ନଥିପତ୍ର ସୁବିଧା ଓ ସହଜରେ ରଖିପାରିବେ ।

ନିର୍ଦ୍ଦେଶାବଳୀରେ ଆହୁରି କୁହାଯାଇଛି ଯେ, ବୀମାକାରୀ ସେମାନଙ୍କର ପଲିସିଧାରୀମାନଙ୍କୁ ଡିଜିଲକର ବ୍ୟବହାର ସଂପର୍କରେ ସୂଚୀତ କରାଇବାର ଆବଶ୍ୟକତା ରହିଛି । ଆହୁରି ମଧ୍ୟ ଏହି ବୀମା ପଲିସିଗୁଡିକ କିପରି ଡିଜିଲକରରେ ସ୍ଥାନୀତ ହୋଇପାରିବ ସେ ପ୍ରକ୍ରିୟା ମଧ୍ୟ ପଲିସିଧାରୀଙ୍କୁ ବୀମା କଂପାନୀ କର୍ତ୍ତୃପକ୍ଷ ଅବଗତ କରାଇବାର ଜରୁରୀ । ଜାତୀୟ ଇ-ସରକାର ବିଭାଗ ଏବେ ଥିବା ଡିଜିଲକର ଟିମ୍ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଛି । ବୀମା କ୍ଷେତ୍ରରେ ଡିଜିଲକର ପ୍ରବର୍ତ୍ତନ ପାଇଁ ଡିଜିଲକର ଟିମ୍ ଆବଶ୍ୟକ ସୁବିଧା ସୁଯୋଗ ଓ ଟେକ୍ନୋଲଜି ସହାୟତା ଯୋଗାଇବ । ଡିଜିଲକର ଡିଜିଟାଲ ଇଣ୍ଡିଆର ଏକ ଅଂଶବିଶେଷ ।

ଏହି ବ୍ୟବସ୍ଥାରେ ପ୍ରକୃତ ବୀମାଧାରୀ ନିଜର ବୀମା ସଂକ୍ରାନ୍ତ ଅସଲି କାଗଜପତ୍ର, ସାର୍ଟିଫିକେଟ ଓ ଦସ୍ତାବିଜ ଆଦିର ଡିଜିଟାଲ ପ୍ରତିରୂପ ପାଇପାରିବେ । ଏହାର ପ୍ରବର୍ତ୍ତନ ଫଳରେ କାଗଜପତ୍ର ବା ନଥିଜନିତ ବୀମା ପଲିସି ଆଦିର ଆବଶ୍ୟକତା ରହିବ ନାହିଁ । ଡିଜିଟାଲ ବ୍ୟବସ୍ଥା ପ୍ରଚଳନ ହେବା ଫଳରେ ଏ କ୍ଷେତ୍ରରେ ସେବା ପ୍ରଦାନ ସଫଳ ଓ ତ୍ୱରିତ ହେବ ଏବଂ ଲୋକମାନେ ବିନା ଝମେଲାରେ ସହଜରେ ତତ୍କାଳ ସେବା ପାଇପାରିବେ ।

ବୀମା କ୍ଷେତ୍ରରେ ଏହାର ପ୍ରବର୍ତ୍ତନ ଦ୍ୱାରା ଖର୍ଚ୍ଚ ହ୍ରାସ ପାଇବ । ବୀମା ପଲିସିର କପି ନ ମିଳିବା ଜନିତ ଅଭିଯୋଗ କମିବ । ଏହା ସେବା ଯୋଗାଣ ପ୍ରକ୍ରିୟାକୁ ତ୍ୱରିତ କରିବା ସହିତ କ୍ଲେମ୍ ଫଇସଲା କରିବାରେ ବିଶେଷ ସହାୟକ ହେବ ।

ଏହା ଡିଜିଟାଲ ଇନ୍ସୁ୍ୟରାନ୍ସ ପେପର ଦ୍ୱାରା ଠକେଇ, ବିବାଦ ଓ ଅନ୍ୟାନ୍ୟ ତ୍ରୁଟିର ସମ୍ଭାବନା ପ୍ରାୟତଃ ରହିବ ନାହିଁ । ପଲିସିଧାରୀଙ୍କ ସହ ତତ୍କାଳ ଓ ତ୍ୱରିତ ସଂଯୋଗ ସ୍ଥାପନ ହୋଇପାରିବ । ସର୍ବୋପରି ଏହାଦ୍ୱାରା ଉପଭୋକ୍ତାଙ୍କୁ ଉତ୍ତମ ସେବା ଓ ସୁବିଧା ସୁଯୋଗ ଯୋଗାଇ ଦେଇହେବ ।

ଇଲେକ୍ଟ୍ରୋନିକ୍ସ ଓ ଆଇଟି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସଂଜୟ ଧୋତ୍ରେ ଡିଜିଟାଲ ବୀମା ପଲିସି ସୁବିଧା ନାଗରିକଙ୍କୁ ଯୋଗାଇ ଦେବାକୁ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅନୁରାଗ ଠାକୁରଙ୍କୁ ଏକ ପତ୍ର ଲେଖିବା ପରେ ଆଇଆରଡିଏଆଇ ପକ୍ଷରୁ ଏହି ଡିଜିଲକର ଆକାଉଂଟସ୍ ସୁବିଧା ଯୋଗାଣ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ଆଇଆରଡିଏଆଇ ଏହି ମର୍ମରେ ସବୁ ବୀମା କଂପାନୀଙ୍କୁ ଚିଠି ଲେଖି ବୀମାଧାରୀଙ୍କୁ ଡିଜିଲକର ଆକାଉଂଟ ଓ ପଲିସି ଯୋଗାଇ ଦେବାକୁ ପରାମର୍ଶ ଦେଇଛି ।

# ରେଡ଼ିଓ ଶ୍ରୋତା ୯୭ ବର୍ଷୀୟ ଗୁଞ୍ଜି ମାଝୀ



ପଦ୍ମପୁର, (ନିପ୍ର) : ବର୍ତ୍ତମାନ ଯୁଗରେ ରେଡ଼ିଓର ଧୀରେ ଧୀରେ ସଉକ କମି ଯାଉଥିବା ବେଳେ ଏବେ ପୁରୁଣା କାଳିଆ ଲୋକମାନେ ଏବେ ବି ରେଡ଼ିଓ ଅତି ଯତନରେ ଆପଣେଇ ନେଇଛନ୍ତି । ଏମିତି ଜଣେ ଶ୍ରୋତା ବରଗଡ ଜିଲ୍ଲା ପଦ୍ମପୁର ଉପଖଣ୍ଡ ପାଇକମାଳ ବ୍ଲକ ଜାମସେଠ ପଂଚାୟତ ଭେରୁଆମୁଣ୍ଡା ଗାଁର ଗୁଞ୍ଜି ମାଝୀ । ବୟସ ୯୭ । ଆଉ ତିନି ବର୍ଷ ହେଲେ ଗୁଞ୍ଜି ଶତାୟୁରେ ପହଂଚିବେ । ହେଲେ ଘରେ ଟିଭି, ମୋବାଇଲ ଥାଉ ଥାଉ ରେଡ଼ିଓକୁ ନିଜ ବନ୍ଧୁ ବନେଇଛନ୍ତି । ରେଡ଼ିଓରେ ସମାଚାର, ଚାଷବାସ, ଦେଶବିଦେଶ ଖବର, ଗୀତ ଇତ୍ୟାଦି ବେଶ ଶୁଣନ୍ତି । ଆକାଶବାଣୀ ବଲାଙ୍ଗୀର, ଆକାଶବାଣୀ କଟକ, ବିବିଡ ଭାରତୀ ଶୁଣିଆସୁଛନ୍ତି । ରେଡ଼ିଓ ସୁଲଭ ମୂଲ୍ୟରେ ସେବା ଯୋଗାଉ ଥିବାରୁ ପୁରୁଣା କାଳିଆ ଲୋକମାନେ ବେଶ ପସନ୍ଦ କରନ୍ତି । ଏବେ ମଧ୍ୟ ଗାଁ ଗଣ୍ଡାରେ ରେଡ଼ିଓ ଲୋକେ ଶୁଣି ଆସୁଛନ୍ତି ।

# ଦୁମାଥା ଫରିଦ୍‌ପୁର ଠାରେ କୃଷି କ୍ଷେତ୍ର ବିଦ୍ୟାଳୟ ଉଦ୍‌ଘାଟିତ

ଫରିଦ୍‌ପୁର, (ପିଆଇବି) : କୌଶଲ୍ୟାଗଙ୍ଗସ୍ଥିତ ଆଇସିଏଆର୍-କେନ୍ଦ୍ରୀୟ ମଧୁରଜଳ ଜୀବପାଳନ ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ଏସ୍‌ସିଏସ୍‌ପି ଯୋଜନା ତରଫରୁ ଉତରବଂଗ କୃଷି ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଦକ୍ଷିଣ ଦିନାଜ୍‌ପୁର କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ଉଦ୍ୟମରେ ମଧୁର ଜୀବପାଳନ କ୍ଷେତ୍ରରେ କୃଷକମାନଙ୍କ ଉନ୍ନତି ପାଇଁ କୃଷି କ୍ଷେତ୍ର ବିଦ୍ୟାଳୟ ପଶ୍ଚିମବଙ୍ଗ ଦୁମାଥା ଫରିଦ୍‌ପୁର ଠାରେ ଗତ ୧୧ତାରିଖ ଦିନ ଉଦ୍‌ଘାଟିତ ହୋଇଯାଇଛି । ଡଃ ବି. ଏନ୍. ପଲ୍, ଡଃ ଏସ୍. ଏସ୍. ଗିରି, ଡଃ ଏସ୍. ଅଧିକାରୀ, ଡଃ ଆର୍. ଏନ୍. ମଣ୍ଡଳ, ଡଃ ଏଚ୍. କେ. ଦେ ଓ ଡଃ ସରୋଜ କୁମାର ସ୍ୱାଇଁ ପ୍ରଭୃତି ବୈଜ୍ଞାନିକ ମାନଙ୍କର ଏକ ଟିମ୍ କୃଷକ-କୃଷକ ମାନଙ୍କ ମଧ୍ୟରେ ଶିକ୍ଷା ଓ ଜ୍ଞାନ କୌଶଳର ଆଦାନ ପ୍ରଦାନ ମାଛ ଚାଷର ବିକାଶ କରିବା ପାଇଁ ସାରା ଦେଶରେ ଏପରି ଅଭିନବ ପନ୍ଥାକୁ ଅନୁସରଣ କରିଛନ୍ତି । ଏହି କୃଷି କ୍ଷେତ୍ର ବିଦ୍ୟାଳୟ ଦକ୍ଷିଣ ଦିନାଜ୍‌ପୁରର ୨୦ଟି ଗ୍ରାମର ପ୍ରାୟ ୨୫୦୦ କୃଷକଙ୍କୁ ସଶକ୍ତ କରିବା ସହିତ ସେମାନଙ୍କର ଜୀବନ ଜୀବିକାର ଉନ୍ନତିରେ ସହାୟକ ହେବ ବୋଲି ସିଫାର ନିର୍ଦ୍ଦେଶକ ଡଃ ସରୋଜ କୁମାର ସ୍ୱାଇଁ ମତ ପ୍ରକାଶ କରିଛନ୍ତି । ନିର୍ଦ୍ଦେଶକ ଡଃ ସ୍ୱାଇଁ ଉପସ୍ଥିତ କୃଷକ ଓ ମହିଳା କୃଷିଜୀବୀ ମାନଙ୍କୁ ମାଛ ଚାଷ କରି ଅଧିକ ଉପାର୍ଜନ କରିବାକୁ ପରାମର୍ଶ ଦେବା ସହ ଆଗ୍ରହୀ କୃଷକମାନଙ୍କୁ ସିଫା ତରଫରୁ ସମସ୍ତ ବୈଷୟିକ ପରାମର୍ଶ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଓଡିଶା, ପଶ୍ଚିମବଙ୍ଗ ଓ ଛତିଶଗଡ଼ରେ ସିଫା ପ୍ରଯୋଜିତ ଜଳକୃଷି ବିଦ୍ୟାଳୟର ଜନପ୍ରିୟତା ସମ୍ବନ୍ଧରେ ମଧ ଡଃ ସ୍ୱାଇଁ ପ୍ରକାଶ କରିଥିଲେ । ଦକ୍ଷିଣ ଦିନାଜ୍‌ପୁର ଉପାନ୍ତ ଅଂଚଳର ମତ୍ସ୍ୟ କୃଷକମାନଙ୍କୁ ବୈଜ୍ଞାନିକ ପଦ୍ଧତିରେ ମାଛଚାଷ କରିବା ପାଇଁ ସିଫାର ଏପ୍ରକାର ଉଦ୍ୟମକୁ ନିମନ୍ତ୍ରିତ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ ।

ସଂପ୍ରସାରଣ ଓ ପରାମର୍ଶ କୈନ୍ଦ୍ରିକ ଏହି କ୍ଷେତ୍ର ବିଦ୍ୟାଳୟର ଅପରେଟର ଶ୍ରୀ ବିପ୍ଲବ ଚନ୍ଦ୍ର ରାୟ ଏହି ଅବସରରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ଆଇସିଏଆର୍-ସିଫା, ପୋଷଣ ଓ ଶରୀର କ୍ରିୟାତତ୍ତ୍ୱ ବିଭାଗର ମୁଖ୍ୟ ଡଃ ଏସ୍. ଏସ୍. ଗିରି ଗ୍ରାମାଂଚଳର ଜୀବିକା ନିର୍ବାହକୁ ଉନ୍ନତ କରିବାକୁ ହେଲେ ମାଛ ଚାଷକୁ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି କହିଥିଲେ । ଏହି ପରିପ୍ରେକ୍ଷୀରେ ଆସୋସିଏଟ୍ ଡିନ୍ ଅଫ୍ କଲେଜ ଅଫ୍ ଏଗ୍ରିକଲ୍‌ଚର ଡଃ ଜେ. କରୋଫର୍ମା, ଉତରବଂଗ କୃଷି ବିଶ୍ୱବିଦ୍ୟାଳୟର ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶକ ଡଃ ସୈକତ ମୁଖାର୍ଜୀ, ହରେକୃଷ୍ଣ ଫିସ୍ ଫାର୍ମର ପରିଚାଳକ ଅମୃତ ଦାସ, ଡଃ ଏସ୍. ଅଧିକାରୀ, ଡଃ ଆର୍.ଏନ୍. ମଣ୍ଡଳ, ଡଃ ଏଚ୍. କେ ଡେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । କୋଭିଡ ନିୟମ ଅନୁସରଣ କରାଯାଇ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ପ୍ରାୟ ୧୨୦ ଜଣ ମହିଳା କୃଷିଜୀବୀ ଓ କୃଷକ ଯୋଗଦାନ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡଃ ବିଶ୍ୱଜିତ୍ ଗୋସ୍ୱାମୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# କୁଶଙ୍ଗ ଆଂଚଳିକ ମହାବିଦ୍ୟାଳୟର ସୁପରିଚାଳନା ପାଇଁ ଗ୍ରାମବାସୀ ଉପଜିଲ୍ଲାପଳଙ୍କ ଦ୍ୱାରସ୍ଥ ହେଲେ

ଲୋଇସିଂହା, (ନିପ୍ର) : କୁଶଙ୍ଗ ଆଂଚଳିକ ମହାବିଦ୍ୟାଳୟର ସୁପରିଚାଳନା ପାଇଁ ଗ୍ରାମବାସୀ ଉପଜିଲ୍ଲାପଳଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି । ଗ୍ରାମବାସୀଙ୍କ ଦ୍ୱାରା ଦିଆଯାଇଥିବା ଆବେଦନ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ମହତ୍ ଉଦ୍ଦେଶ୍ୟ ନେଇ ୧୯୯୧ରେ ଏକ କନିଷ୍ଠ ମହାବିଦ୍ୟାଳୟ ସେମାନେ ଖୋଲିଥିଲେ । କିନ୍ତୁ ଏହି ମହାବିଦ୍ୟାଳୟରେ ଏବେ ଶୈକ୍ଷିକ ବାତାବରଣ ତଥା ଅନ୍ୟାନ୍ୟ ପାରିପାର୍ଶ୍ୱିକ ଅବସ୍ଥା ଠିକ୍ ନଥିବା ସେମାନେ କହିଛନ୍ତି । କଲେଜର ପରିଚାଳନା କମିଟିର ବୈଠକ ଦୀର୍ଘ ୨୦ ବର୍ଷ ହେଲା ହୋଇ ନଥିବା ବେଳେ ମହାବିଦ୍ୟାଳୟରେ ଉନ୍ନତିମୂଳକ କାର୍ଯ୍ୟ କିଛି ହୋଇ ପାରିନାହିଁ । ଅଭିଯୋଗ କରାଯାଇଛି ଯେ, ଛାତ୍ରଛାତ୍ରୀମାନଙ୍କ ଠାରୁ ଉନ୍ନତି ପାଇଁ ଦେୟ ନିଆଯାଉଥିଲେ ବି ମହାବିଦ୍ୟାଳୟର ଉନ୍ନତି ମୂଳକ କାର୍ଯ୍ୟ ହେଉନାହିଁ । ଏପରିକି ମହାବିଦ୍ୟାଳୟର ନିଜସ୍ୱ ଖେଳ ପଡ଼ିଆ ରହିଥିବା ବେଳେ ମହାବିଦ୍ୟାଳୟ ଆରମ୍ଭ ହେବା ଦିନଠାରୁ କୌଣସି ଖେଳ, କସରତ, କ୍ରୀଡ଼ା ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉ ନଥିବା ଉଲ୍ଲେଖ କରାଯାଇଛି ।

ଆବେଦନପତ୍ରରେ ଆହୁରି ଅଭିଯୋଗ ରହିଛି ଯେ, ଛାତ୍ରଛାତ୍ରୀମାନଙ୍କ ପାଇଁ ଲାଇବ୍ରେରୀ କୋଠରୀ ନାହିଁ । ମହାବିଦ୍ୟାଳୟର ୨୫ ବର୍ଷ ପୂର୍ତ୍ତି ହେବା ଉପଲକ୍ଷେ ସିଲ୍‌ଭର୍ ଜୁବ୍‌ଲି ହେବା କଥା, ତାହା ମଧ୍ୟ ଆଜି ପର୍ଯ୍ୟନ୍ତ କରାଯାଇନାହିଁ । ଗ୍ରାମବାସୀଙ୍କ ଅନୁସାରେ ମହାବିଦ୍ୟାଳୟରେ ଦୀର୍ଘ ୪ ବର୍ଷ ହେଲା ଜଣେ ବରିଷ୍ଠ ଅଧ୍ୟାପକ ଯୋଗଦାନ କରିଥିଲେ ମଧ୍ୟ ବରିଷ୍ଠତା ଦୃଷ୍ଟିରୁ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇନାହିଁ । ଏଣୁ ବରିଷ୍ଠ ଅଧ୍ୟାପକଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ପ୍ରଦାନ ସହ ଅନୁଷ୍ଠାନର ଉନ୍ନତି ସକାଶେ ଉଚିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଗ୍ରାମବାସୀମାନେ ଉପଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି ।



# ପଛ ବେଞ୍ଚ

## ଅଂଜଳି ପଟ୍ଟନାୟକ

ଏଇଠି ପଡେ
ସବୁ ଖୁରାପାତି ଦିମାଗ୍‌ର ମୂଳଦୂଆ,
କେବେ ଜେମସ୍ ବଣ୍ଡର ଷଠୀଘର
ଆଉ କେବେ ପୂର୍ବାଭ୍ୟାସ
ସିପାହୀ ବିଦ୍ରୋହର
କେବେ ଚାର୍ଲସ ଶୋଭରାଜ୍
ଅବା ହାଜି ମସ୍ତାନ୍‌ର ଆଦ୍ୟ ଚାଲ୍
ଆଉ କେବେ ଛୋଟ ମୋଟ
ଲଙ୍କା ପୋଡିର ଷ୍ଟେଜ୍ ରିହରସାଲ୍ ।

କାଳେ କାଳେ
ବଦନାମ୍ ଏ ବେଞ୍ଚ ପାଠ ନହେବାର
ଆଳେ,
ହେଲେ ଖୁବ୍ ଭଲ ଭାବେ ପଢିହୁଏ
ଜୀବନକୁ ଏଠୁ,
ସମସ୍ତଙ୍କୁ ଦେଖିବାକୁ ହେଲେ
ସବୁଠୁ ପଛରେ ଠିଆ ହେବାକୁ ହୁଏ
ସେ ଧାଡି ହଉ କି ବେଞ୍ଚ
ସବୁଠୁ ଆଗରେ ଠିଆ ହୋଇ
କେହି କଣ ପଢିପାରେ
ପଛ ପିଲାର ମୁହଁ ?
ଏମିତି ତ ପଛ ପିଲାବି ଦେଖିପାରେନି
ଆଗ ପିଲାର ମୁହଁ,
ହେଲେ ଦେଖିପାରେ
ତା ନିରୋଳା ପଛପାଖ
ଯୋଉଠି କେବେ ବି ନଥାଏ ମୁଖା ।

କେହି କେମିତି ଭୁଲି ପାରିବ
ଏଇଠି ପଡେ ଗୋଲାପ, ମକର,
ବଉଳ ଇତ୍ୟାଦିଙ୍କ କଟି ମିଟି
ଯାହା ଛନ୍ଦି ହୋଇଯାଏ ଜୀବନର
ଅଠା କାଠିରେ
ଆଉ ଭାସିଯାଏ ସୁଅ ମୁହଁର ପତ୍ର ପରି,
ପୃଥୀର ଯାବତୀୟ ରାଣ ନିୟମର
ଚରା ଭୂଇଁ ସେ ବେଞ୍ଚ
ତା ଦେହରେ କମ୍ପାସରେ
ଟଣା ଯାଇଥିବା ଗାର ଠୁ
ତାକୁ ଛୁଇଁ ନିଆ ଯାଇଥିବା ରାଣ ମାନଙ୍କ
ଇତିହାସ, ଗଣିତର ତାଲିକା
ଖୁବ୍ ଲମ୍ବା
ଆଉ ଚେର ଯଥେଷ୍ଟ ଗହୀର....

ମା' କୋଳ ପରି ନିରାପଦ
ୟା'ର ପିଠି,
ଖୁବ୍ ସ୍ୱଛନ୍ଦରେ ଏଠି ଶୋଇ ହୋଇଯାଏ
ପିରିୟଡ୍ ପରେ ପିରିୟଡ୍,
ବିନ୍ଦାସ୍ ପଢିହୁଏ
ସେର୍ଲୋକ ହୋମସ୍,
ଦସ୍ୟୁ ରଞ୍ଜନ, ନୀଳପରି
ପରି ଏ ଭୂଲୋକର ଯେତେକ
ଡିଟେକ୍ଟିଭ ଉପନ୍ୟାସ,
ଜଙ୍ଘ ପରେ ରଖି ଆଉ ରଚିହୁଏ
ସବୁଠୁ କଡା ଗଣିତ ସାର୍‌ଙ୍କ
ବେତ ଭାଙ୍ଗିବାର ନୂତନ କୌଶଳ ।

ହାର ମାନେ ସେଠି ନଳର ରାନ୍ଧଣା
ନାକ ରଗଡୁଥାନ୍ତି କ୍ଷୀରି ପୁରି ପିଠା
ଖାସ୍
କଇଁଥ, କରମଙ୍ଗା, କଂଚା ଆମ୍ବ
କଇଁଆର କଂଚାଲଙ୍କା ପାଗ ପାଖେ
ଏଇ ପଛ ବେଞ୍ଚରେ,
ଯାହା ଦେହ ଏବେ ବି
ମହ ମହ ବାସେ
ଧନିଆ ପତ୍ରର ଲୋଭନୀୟ ବାସ୍ନାରେ...
ଶିରି ପର୍ହାଦ, କେଦାର ଗୌରୀ
ଯେତେସବୁ ମାର୍କାମରା ଯୋଡି
ଏଇଠୁ ପଡେ ମୂଳଦୁଆ
ଯେତେ ଯେତେ ପ୍ରେମ କାହାଣୀର,
ଗଢାହେବାକୁ ତାଜ ମହଲଟିଏ
ସମୟ କ୍ରମେ,
ବର୍ଷ ଅନୁସାରେ ମଜବୁତ୍
ହେଉଥାଏ ଅଧିକରୁ ଅଧିକ ।

ବାହାରନ୍ତି ଧ୍ୟାନଚାନ୍ଦ,
କପିଲ୍ ଦେବ ମାନେ ଏଇଠୁ
ପଙ୍କରୁ ପଦ୍ମ ପରି
ଘନଘୋର ଅନ୍ଧାରରେ ଚମକିଲା ପରି
ଉକିଆ ତରା,
ଯୋଉମାନେ
ଶୁଣନ୍ତି ଗାଳି ଖୁବ୍ ଆଶ୍ରି ଥିବାରୁ ତାକ ।

ମହାର୍ଘ ଏ ପିଠି
ଯାହା ଉପରେ ଲେଖା ହୁଏ
ଇତିହାସ ପୂର୍ବର ଇତିହାସ,
ଗଢାହୁଏ କଳ୍ପନାର ଚାର୍ ମୀନାର ରୋଜ,
ଚାର ମୀନାର ଗଢା ହେବାର ଢେର ଆଗରୁ,
ଆଉ ଜୀଇଁ ହୁଏ ଜୀବନର ଅମୃତ ମୁହୂର୍ତ୍ତ
ଜୀବନ ମରିଯିବା ଆଗରୁ ।।



# ଝିଅ ପାଇଁ କବିତା

## ପିନାକୀ ମିଶ୍ର

ଯଉବନ ତ'
ଚବଚବ ଚହଲା ପାଣିର ଢେଉ
ଟିକିଏ ପବନ ଛୁଆଁରେ
ବାଟ ହୁଡିବାର ଶଂକା ଅଛି,
ଯେତେ ସଳଖେଇ ଚାଲ୍
ବା'ବତାସ, ହାହୁତାସ
ରଂଗ ତୋର ଫିକା ପଡିଯିବ
ଅଦିନ ଅସ୍ତ ଘନେଇବ ।

ଗଂଭୀର ଥା'ରେ ଝିଅ
ମୁକୁଳା ହବୁନି, ଲଟେଇବୁନି,
ଲୁଚେଇ ଦେ' ହଳଦୀମଖା ଦେହ,
ଏକୁଟିଆ ଯା'ନା ନଈକୁ,
ମୁହଁ ସଂଜ ତୋଟାକୁ,
ନିଆଁକୁ, ପାଚେରୀ ତଳ ଛଦ୍ମହସକୁ,
ଯା'ନା ବିଲକୁ, ବଣକୁ, ବଜାରକୁ
ପରତେ ଯା'ନାରେ କାହାକୁ,
କି ଯୁବା, କି ବୁଢା
କାମାଂଧର ବୟସ ନଥାଏ ।

ସ୍ୱାଧୀନତା, ସ୍ୱାଧିକାର ଯାଉ ମ' ଚୁଲିକୁ
ଏ ସମାଜ ଚଳଣିର
ନାଁ ନାହିଁ କି ବର୍ଣ୍ଣ ନାହିଁରେ ,
ଜାନ୍ତବ କ୍ଷୁଧା ଏବେ ପ୍ରବଳତର
ଜନ୍ତୁ ହଜିଲେଣି ମଣିଷର ଭିଡ,
ସବୁ ପାରିଦେବୁ ବୋଲି
ମନ କରନା ଧନରେ,
ଆଗେ ସଜିଲ କର
ତୋ ନୟନପିତୁଳା ଦେହ
ଗୋଟେ ଅଜଣା ଦ୍‌ରୋହରେ
ଅସ୍ତ୍ର ବନିଯା' !

ଯୁବତୀ ବୟସ ତୋର
ସାତ ସପନ ତେର ଉଡାଣ ନେଇ ବଢୁଛୁ
ଆଗେ ପରଖିଲୁଣି ନା ଅଶିଣ ମାଘ
ଜାଣିଲୁଣି ନା
ଏକମୁହାଁ ଚଳିବାର ବାଗ !


ଏଠି ସେଠି ଓହ୍‌ଲେଇ ପଡିବୁନି
ଝରାଫୁଲ ପଡିଥିବ ବଂଧତଳେ
ଘାରି ହେଉଥିବ ମାଟି
କପାଳ ପିଟୁଥିବ ବାପ
ଗର୍ଭ ଅଣ୍ଡାଳୁଥିବ ମାଆ ।

ଝିଅରେ ଟିକେ ଟାଣ ହ'
ବିଶ୍ୱାସ ରଖିଥା' ନିଜ ଛାତିରେ
ତଳେ ପଡିଲେ ନବଖଣ୍ଡ,
ସବୁ ପାରିଦେବୁ ଯେ
ଆଗେ ଅସ୍ତ୍ର ବନିଯା',
ଛେଦି ପାରିବୁ ପାଂଶୁଳ ହାତ ।

ତୋ' ଲାଗି ବାପ ସବୁଥିକୁ ତୟାର୍
ନଈ କ'ଣ ସମୁଦ୍ର ବି ଡେଇଁବ,
ତୋ' ଲାଗି ଥନ ଭାଂଗିଛି ମାଆ
କାଳିଜାଇ ମେଘ ଆସିବନି ତ !

ଝିଅରେ
ଭରସା ଭାଂଗିବୁନି
ନ ହେଲେ ଦାଣ୍ଡ କଅଁଳ ଖରାକୁ
କି ଉତ୍ତର ଦେବି !
ପୁବେଇ ପବନ ତୋ ଠିକଣା ମାଗିବ
ଏ ଘର, ଗାଁଦାଣ୍ଡ
ମୋତେ ମଶାଣି ସରି ଗାଂଜୁଥିବ ରେ ।।





# ମୋର ଗଲା ପରେ

## ପ୍ରଦୀପ କୁମାର ପଣ୍ଡା

।। ଏକ ।।

ବହୁତ କଥା ଭୁଲି ହୋଇଯାଏ,
ମୂଳ ଓ ବିଶି ଆଂଗୁଠି ଟିପରେ
ଚାପି ଧରି ଏକ ଶୁଖିଲା ପତ୍ରର ଡେଂଫ
ମୁଁ ଚାଲୁଥାଏ
ଓ ଭୁଲି ହୋଇଯାଏ ପତ୍ର କଥା, ରାସ୍ତା କଥା ।

ପାଦ ମଜ୍ଜିଥାଏ ପାହୁଂଡର ଅବଲୀଳାରେ
ପରିଚିତ ରାସ୍ତାରେ ।
ଏତେ ପରିଚିତ ଯେ
ଝାଳନାଳରେ ବୁଜି ହୋଇଯାଏ କାଳକ୍ରମେ
ଓ ଏକଲୟରେ ମୁଁ ଭୁଲିଯାଏ
ମୋର ଶ୍ୱାସ ପ୍ରଶ୍ୱାସ ।

କେହି ଜଣେ ଲୁଚିଥାଏ ଅବଲୁପ୍ତ ରାସ୍ତାକଡ଼ରେ
ଭୁଲେଇ ଦେବାକୁ ତା'ର ଅବସ୍ଥିତି
ମୋର ଦେହରେ ।
ଅଂଧାରକୁ ଚିରିବାର ସ୍ପର୍ଦ୍ଧାରେ
ପୁରୁଣା ଘା' ପରି ଲିଭି ଆସୁଥିବା ତାରେ ଜହ୍ନକୁ
ତୋଳି ଆଣିବାକୁ
ପଠାଇ ଦିଏ ମୁଁ ମୋର ପାପୁଲି ଯୋଡାକୁ
ଓ ଭୁଲିଯାଏ ।

ପାଦକୁ ହୁଏ ନାହିଁ ଶୋଷ
ହୁଏ ମତେ,
ପଠାଇଦିଏ ଗଳାକୁ ମୋର ନଦୀକୁ ।
ନଦୀର ଗଳା ନାହିଁ,
ହେଲେ ସୁନ୍ଦର ଗୀତ ଗାଏ
ଓ ମୁଁ ଭୁଲିଯାଏ ଶୋଷ ।

ପାଦ ଚାଲୁଥାଏ ତା'ର ଧୂନ୍‌ରେ,
ତା'ର କଣ ଯାଏ
ମୋର ହଂସା ଥାକିବା ଉଡିବାରେ ।

ଓଃ !
ଜଣେ ହେଲେ କେହି ଦିଶୁ ନାହାଂତି ଆଖପାଖରେ !
କାହାକୁ ପଚାରିବି ଏବେ,
କେଉଁ ବାଟଦେଇ ମୁଁ ଆସିଥିଲି
ଓ ମୋର ପାଦ ଦୁଇଟି ?
----

।। ଦୁଇ ।।

ତା'ପରେ ଯାହା ଘଟିବ ତା' ଏହିପରି ।
ମୋର ସାଢେ ଆଠ ଇଂଚ୍ ଲଂବ ପାହାଚିହ୍ନ
ଆଗକୁ ଆଉ ଦିଶୁନି ।

ବାଁ'କୁ ଡାହାଣକୁ ନିଘା କରିବେ ସେମାନେ
ଅନେକ କଥା କହିବି କହିବିର ଦୋଘାଇରେ
ଉତୁରି ଆସିବ ଏକ ଲଂବା ଦୀର୍ଘଶ୍ୱାସ ।
ସେମାନେ ପଛକୁ ଫେରିବେ
ଖୋଜିବେ ମୋର ପାଦର ଲେଉଟାଣି ଚିହ୍ନ,
ପରସ୍ପରକୁ ଚାହାଁଚହିଁ ହେବେ
କାହାରି ମୁହଁରୁ ସ୍ଫୁରିବ ନାହିଁ ପଦେ କଥା ।

ଏବେ ଆହୁରି ଘନୀଭୂତ ହେବ
ସେମାନଙ୍କ ସଂଦେହ ।
ସଂଦେହ ଯେ - ନିଜ ଛଡା
ଆଉ କେହି ନାହାଂତି ଆଖପାଖରେ ।
ଘନଘୋର ମାୟାରେ ଯେମିତି
ଫସି ଯାଇଛଂତି ସେମାନେ,
ସେମାନେ ବା ଜଣେ ଲୋକ
ବା ଅନ୍ୟ ଜଣେ ଲୋକ !

ସେ ଅନ୍ୟ ଜଣେ ମାତ୍ର ଲୋକ ଭାବିବ
ମୋ ଛଡା
ଆଉ କେହି ନାହାଂତି ଖଂଡମଂଡଳରେ
ଓ ମୋ ଛଡା କେହି ଖୋଜୁ ନାହିଁ ମତେ ।
ଭାବିବ,
ଗୋଟିଏ ଅଫଂତରାରେ
ହଜି ଯାଇଥିବା ସାଢେ ଆଠ ଇଂଚ୍ ଲଂବର
ପାହାଚିହ୍ନ ମୋର ନୁହେଁ ।

ସେ ଘଡିସଂଧି ସଂକଟ କାଳରେ
ମୁଁ ନ ଥିବି ଆଖପାଖରେ ।।



# ଫେବୃଆରୀ ଚଉଦ ଓ ଲାଲ ଗୋଲାପ

ମୀନା ମହାରଣା



ୟୁରୋପ ମହାଦେଶର ରୋମ ଏକ ସମୃଦ୍ଧ ଓ ରୋମାଂଚକର ନଗରୀ ଭାବେ ଖ୍ୟାତ । ଚ଼ତୁର୍ଥ ଶତାବ୍ଦୀର ଶେଷ ଭାଗରେ ତଥା ପଂଚମ ଶତାବ୍ଦୀର ଆରମ୍ଭ ବେଳେ ରାଜା କ୍ଲଡିଅସ ଦ୍ୱିତୀୟ ରୋମରେ ରାଜତ୍ୱ କରୁଥିଲେ । ତାଙ୍କର ନିଷ୍ଠୁର ଓ ଆତଙ୍କବାଦୀ ଶାସନ ପାଇଁ ସେ ପ୍ରସିଦ୍ଧ ଥିଲେ । ଇଉରୋପରେ ବିବାହ ଏକ ସାମାଜିକ ପରମ୍ପରା ନଥିଲା । ରାଜା କ୍ଲଡିଅସ ବିବାହର ଶକ୍ତ ବିରୋଧୀ ଥିଲେ । କ୍ଲଡିଅସ ନାରୀମାନଙ୍କୁ ହୀନଚକ୍ଷୁରେ ଦେଖୁଥିଲେ । ତାଙ୍କ ମତ ଅନୁସାରେ ନାରୀମାନଙ୍କୁ ପତ୍ନୀ ନୁହେଁ ରକ୍ଷିତା ଭଳି ରଖିବା ଉଚିତ । ଏଣୁ ବିବାହ ନ କରିବାର ପରମ୍ପରା ଇଉରୋପ ଇତିହାସରେ ଆଇନ ସମ୍ମତ ଥିଲା ।

ସେତେବେଳେ ରୋମରେ ଜଣେ ସନ୍ଥଙ୍କ ଆବିର୍ଭାବ ହେଲା, ଯାହାଙ୍କ ନାଁ ଭାଲେନ୍‌ଟାଇନ୍ । ସେ ଜଣେ ପାଦ୍ରୀ ଥିଲେ । ସେ ବିବାହ କରିବାକୁ ଓ ଖୁସି ରହିବାକୁ ଲୋକଙ୍କୁ ପରାମର୍ଶ ଦେଉଥିଲେ । ସେ ଭାରତୀୟ ମହାନ ପରମ୍ପରା ତଥା ସାହିତ୍ୟ ବିଷୟରେ ସେ ଅବଗତ ଥିଲେ । ଏକ ସ୍ତ୍ରୀ ବ୍ରତ ଓ ତାର ଉପକାରିତା ବିଷୟରେ ଲୋକଙ୍କୁ ପ୍ରାଞ୍ଜଳ ଭାବରେ ବୁଝାଇ ଚର୍ଚ୍ଚକୁ ଆଣି ବିବାହ କରାଉଥିଲେ । ସୁଖୀ, ସୁସ୍ଥ ଏବଂ ଯୌନରୋଗମୁକ୍ତ ଜୀବନ ତଥା ମାନସିକ ଶାନ୍ତି ପାଇଁ ବିବାହ ହିଁ ଏକମାତ୍ର ଉପାୟ ବୋଲି ଲୋକଙ୍କୁ ପ୍ରେରଣା ଯୋଗାଉଥିଲେ । ସେତେବେଳେ ଭାରତର ବଣିକମାନେ ଆଫ୍ରିକା ମହାଦେଶ ଦେଇ ଇଉରୋପକୁ ବାଣିଜ୍ୟ କରିବାକୁ ଯାଉଥିଲେ । ସେମାନଙ୍କ ହାତରେ କିଛି ଭାରତୀୟ ଗ୍ରନ୍ଥ ମଗାଇ ପଢୁଥିଲେ ଓ ସୁଖୀ ଜୀବନ ଜିଇଁବାର ଅଦ୍ଭୁତ ରହସ୍ୟ ପ୍ରଚାର ଓ ପ୍ରସାର କରୁଥିଲେ ।

ରାଜା କ୍ଲଡିଅସ ଦ୍ୱିତୀୟ ଲୋକଙ୍କ ଠାରୁ ଏସବୁ ପ୍ରଚାର ବିଷୟରେ ଶୁଣି ନିଆଁବାଣ ହୋଇ ଯାଇଥିଲେ । ସେତେବେଳେ ରାଜାମାନଙ୍କ ମୁହଁରୁ ଯାହା ବି ବାହାରୁଥିଲା ସେଇଟା ହୋଇଯାଉଥିଲା ଦେଶର ଆଇନ । ରାଜା ସନ୍ଥ ଭେଲେନ୍‌ଟାଇନ୍‌ଙ୍କୁ ଶେଷରେ ରାଜରାସ୍ତାରେ ଫାଶୀ ଦେବା ପାଇଁ ଆଦେଶ ଦେଇଥିଲେ । ପ୍ରକାଶ ଥାଉ କି, ୧୯୫୦ ମସିହା ପର୍ଯ୍ୟନ୍ତ ରାଜରାସ୍ତାରେ ଫାଶୀ ଦେବା ବ୍ୟବସ୍ଥା ବଳବତ୍ତର ଥିଲା ।

ସନ ୪୯୮ ଫେବୃଆରୀ ଚଉଦ ତାରିଖରେ ତାଙ୍କୁ ସର୍ବସାଧାରଣଙ୍କ ଉପସ୍ଥିତି ତଥା ତାଙ୍କର ଅନୁଗତମାନଙ୍କ ସାମ୍ନାରେ ଫାଶୀଖୁଣ୍ଟରେ ଝୁଲାଇ ଦିଆଯାଇଥିଲା । ଏହିଦିନକୁ ଖ୍ରୀଷ୍ଟିଆନ ସଂପ୍ରଦାୟ ଏକ ମୃତାହ ପର୍ବ ଭାବରେ ପାଳନ କରନ୍ତି । ସନ୍ଥ ଭେଲେନ୍‌ଟାଇନ୍‌ଙ୍କୁ ମନେ ପକାଇବା ପାଇଁ ସେଇ ଦିନ ଲାଲ ଗୋଲାପକୁ ପ୍ରେମ ତଥା ଭଲ ପାଇବାର ପ୍ରତୀକ ଭାବରେ ଦିଆନିଆ ହୁଅନ୍ତି । ଫେବୃଆରୀ ଚଉଦ ତାରିଖ ପ୍ରତିବର୍ଷ ଭାଲେନ୍‌ଟାଇନ୍ ଦିନ ବୋଲି ଇଉରୋପରେ ପାଳନ କରାଯାଏ ।

କିନ୍ତୁ ଭାରତ ଭଳି ଏକ ପ୍ରାଚୀନ ପରମ୍ପରାକୁ ସମ୍ମାନ ଦେଉଥିବା ଦେଶରେ ଭାଲେନଟାଇନ୍ ଡେ' ବହୁଳ ଭାବରେ ପାଳନ କରାଯାଉଛି, ଯଦିଓ ପାକିସ୍ତାନ ଓ ଇଣ୍ଡୋନେସିଆ ଭଳି ଦେଶରେ ୨୦୧୭ ମସିହାରୁ ଏଥିରେ ପ୍ରତିବନ୍ଧକ ଲାଗି ସାରିଛି । ହିନ୍ଦୁ ସଂସ୍କୃତିକୁ ଅଣଦେଖା କରି ଆଜିକାର ଯୁବପିଢ଼ି ଅନ୍ଧ ଭାବରେ ପାଶ୍ଚାତ୍ୟ ସଭ୍ୟତାକୁ ଅନୁକରଣ କରୁଛନ୍ତି । ବିଭିନ୍ନ ପ୍ରକାରର କାର୍ଡ ଓ ଲାଲ ଗୋଲାପ ଦେଇ ନିଶ ଉଠି ନଥିବା କିଶୋରମାନେ 'would you be my valentine this year ?' ବୋଲି କିଶୋରୀମାନଙ୍କୁ ପଚାରୁଛନ୍ତି । କେଇ ଜଣ ନବବର୍ଷର ଶୁଭେଚ୍ଛା ଭଳି ଗୁରୁଜନଙ୍କ ପ୍ରତି ବି ଏଇ ଅପଶବ୍ଦ ପ୍ରୟୋଗ କରିବାରେ ପଛାଉ ନାହାନ୍ତି ।

ପ୍ରେମ ବିଷୟରେ ପରିପକ୍ୱତା ନଥିବା ଯୁବ ପିଢ଼ିଙ୍କ ବ୍ୟବହାର ଦେଖିଥିଲେ ଲଜ୍ୟାରେ ମୁଣ୍ଡ ନଇଁଯାଏ । ପାର୍କ, ନଦୀକୂଳ, ନିଛାଟିଆ ସ୍ଥାନ ତଥା ହୋଟେଲ ମାନଙ୍କରେ ମଧ ଭେଲେନ୍‌ଟାଇନ୍ ଡେ' ପାଳନ କରାଯାଉଥିବା ଦେଖିବାକୁ ମିଳୁଛି । ଅନେକ କ୍ଷେତ୍ରରେ କିଶୋର କିଶୋରୀମାନେ ପ୍ରେମ କ'ଣ ଜାଣିବା ଆଗରୁ ଉତ୍‌ଶୃଙ୍ଖଳତାର ରଜ୍ଜୁରେ ନିଜକୁ ବାନ୍ଧିବାକୁ ବାଧ ହୋଇ ଯାଉଛନ୍ତି । ଏହା ଆମର ସଂସ୍କାର ନୁହେଁ କି ପରମ୍ପରା ବି ନୁହେଁ । ଏଣୁ ସବୁ ପିତାମାତା, ଶିକ୍ଷକ ଶିକ୍ଷୟତ୍ରୀ, ଗୁରୁଜନମାନଙ୍କ ନୈତିକ କର୍ତ୍ତବ୍ୟ ଓ ଦାୟିତ୍ୱ ରହିଛି, ପିଲାମାନଙ୍କୁ ପାଶ୍ଚାତ୍ୟ ସଭ୍ୟତାରୁ ମୁକ୍ତ କରି ସଠିକ ମାର୍ଗଦର୍ଶନ କରାଇବା ଏବଂ ଏକ ସୁନ୍ଦର ଭବିଷ୍ୟତ ଗଠନ କରିବାରେ ସାହାଯ୍ୟ କରିବା ।

**ସୁବର୍ଣ୍ଣପୁର, ମୋ.୯୪୩୯୫୭୯୪୩୫**

# ଶ୍ରୀରାମ ମନ୍ଦିର ନିର୍ମାଣ ନାମରେ ଛପା ହେଉଥିଲା ନକଲି ରସିଦ : ପୋଲିସ ବି ଆଶ୍ଚର୍ଯ୍ୟ





ବୁଲନ୍ଦଶାହର : ଶ୍ରୀରାମ ଜନ୍ମଭୂମିରେ ମନ୍ଦିର ପ୍ରତିଷ୍ଠା ନାମରେ ଦାନ ସଂଗ୍ରହ ପାଇଁ ନକଲି ରସିଦ ଛାପିବା ମାମଲା ସାମ୍ନାକୁ ଆସିଛି । ନକଲି ରସିଦ ମାଧ୍ୟମରେ କଳା ଟଙ୍କା ଅର୍ଜନ ପାଇଁ ଅଭିଯୁକ୍ତମାନେ ପ୍ରସ୍ତୁତ ହେଉଥିଲେ । ସୂଚନାକୁ ଭିତ୍ତି କରି ପୋଲିସ ରସିଦ ପ୍ରିଣ୍ଟିଂ ପ୍ରେସ ଉପରେ ଚଢ଼ାଉ କରି ସେହି ସ୍ଥାନରୁ ପ୍ରଣ୍ଟର୍, ସିପିୟୁ, ଏଲଇଡ଼ି ଇତ୍ୟାଦି ଜିନିଷ ଉଦ୍ଧାର କରିଥିଲା । ଏହି ମାମଲାରେ ଆରଏସଏସ ପ୍ରଭାରୀଙ୍କ ଅଭିଯୋଗ ଉପରେ ପୋଲିସ ତିନି ଅଭିଯୁକ୍ତଙ୍କ ବିରୋଧରେ ଏକ ରିପୋର୍ଟ ପଞ୍ଜିକରଣ କରିଛି ଓ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ।

ସୂଚନାନୁସାରେ, ବୁଲନ୍ଦଶାହର ଜିଲ୍ଲାର ଖୁରଜା ନିବାସୀ ମୋହଲ୍ଲା ନୀଳକଣ୍ଠ ନିବାସୀ ଆରଏସଏସର ଜିଲ୍ଲା ପ୍ରଭାରୀ ସାରତ୍ୱାନା ସିଂ ଗୁରୁବାର ଦିନ କୋଟତ୍ୱାଲୀ ପୋଲିସକୁ କହିଛନ୍ତି ଯେ, ମୋହଲ୍ଲା ମଦାର ଦରତ୍ୱାଜାସ୍ଥିତ ଆରଏଚ଼ ପ୍ରିଣ୍ଟିଙ୍ଗ ପ୍ରେସରେ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ରର ନିଧି ସଂଗ୍ରହ ପାଇଁ ନକଲି ରସିଦ ଛପାଯାଉଛି । ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଂଚିଥିଲା ଏବଂ ଚଢ଼ାଉ ବେଳେ ପ୍ରଣ୍ଟର୍, ସିପିୟୁ, ଏଲଇଡି ସମେତ ବହୁ ସଂଖ୍ୟକ ନକଲି ରସିଦ ଉଦ୍ଧାର କରିଥିଲା । ପୋଲିସ ଘଟଣାସ୍ଥଳରୁ ଦୁଇ ଜଣଙ୍କୁ ଗିରଫ କରିଥିଲା । ଗିରଫ ଅଭିଯୁକ୍ତମାନେ ଏଡଲାପୁର ଧିମ୍ରି ନିବାସୀ ଦୀପକ ଠାକୁର ଏବଂ ପୋଲିସ ଷ୍ଟେସନ ଖୁରଜା ଦେହାଟରେ ଥିବା ବୋହରାବର ରାହୁଲ ବୋଲି ଜଣାପଡିଛି ।

ବିଶ୍ୱ ହିନ୍ଦୁ ପରିଷଦର ପ୍ରଦେଶ ସହ-ମନ୍ତ୍ରୀ ଧରମ ପ୍ରସାର ବ୍ରୁନୋ ଭୂଷଣ କହିଛନ୍ତି ଯେ, ଯେଉଁମାନେ ନକଲି ରସିଦ କାଟୁଛନ୍ତି, ସେମାନଙ୍କ ପ୍ରତି ସତର୍କ ରହିବା ଆବଶ୍ୟକ । ଆହୁରି କହିଛନ୍ତି ଯେ, ସଠିକ୍ ରସିଦ ଚିହ୍ନଟ କରି ଏଥିରେ କ୍ରମିକ ସଂଖ୍ୟା ଦେଖନ୍ତୁ । ଏହି ରସିଦ ଦଶ ଟଙ୍କା, ଶହେ ଟଙ୍କା ଏବଂ ହଜାରେ ହଜାର ଟଙ୍କାର ଅଟେ । ଖାଲି ରସିଦ ଏହି ପରିମାଣଠାରୁ ଅଧିକ ଅଟେ, ଯେଉଁଥିରେ ଦାତାଙ୍କର ସମସ୍ତ ତଥ୍ୟ ପୂରଣ କରିବାକୁ ହୁଏ । ରସିଦ୍ କାଟିବା ବେଳେ ତାଙ୍କର ବ୍ୟାଙ୍କ ଆକାଉଣ୍ଟ, ପାନ୍ କାର୍ଡ ନମ୍ବର ଇତ୍ୟାଦି ରେକର୍ଡ କରାଯାଏ ।

**କ୍ଷମା ଦେବା ଓ କ୍ଷମା ମାଗିବା ଗୁଣ ଯାହା ପାଖରେ ଥାଏ, ସିଏ ନିଜକୁ ଜଣେ ଉଚିତ ମଣିଷ ଭାବେ ଗଢ଼ି ତୋଳିବା ଦିଗରେ ସଫଳ ହୋଇଥାଏ । ଏହା ଫଳରେ ମଣିଷ ଭିତରେ ବିନୟ ଭାବ ଉଦ୍ରେକ ହୁଏ ଏବଂ ଅନ୍ୟମାନଙ୍କ ପ୍ରତି ସ୍ନେହ ଓ ବିଶ୍ୱାସ ଉଦ୍ରେକ ହୁଏ ।**

**- ସାଧୁ ଚିନ୍ତନ**

# ଚା' ତ ଚା'... ଚା' ଭିତରେ ରଜା, ଶାନ୍ତିପଡ଼ା ଛକର ଥପ୍ପା ଟି ଷ୍ଟଲ୍‌ରେ ଅସଲ୍ ଚା'ର ମଜା

ବଲାଙ୍ଗିର, (ନିପ୍ର) : ଚା' ତ ଚା'... ଚା' ଭିତରେ ରଜା, ଶାନ୍ତିପଡ଼ା ଛକର ଥପ୍ପା ଟି' ଷ୍ଟଲ୍‌ରେ ଅସଲ୍ ଚା'ର ମଜା । ବାସ୍ତବରେ ଅସଲ୍ ଚା'ର ସୁଆଦ ଏହି ଟି ଷ୍ଟଲ୍‌ର ଚା'ରେ ରହିଛି । ଯିଏ ଥରେ ଏହି ଚା' ଦୋକାନରେ ଚା' ପିଇଛି, ସିଏ ନିଶ୍ଚୟ ଏହି କଥାକୁ ସ୍ୱୀକାର କରିବ । ଏହି ଚା' ଦୋକାନର ପୋଖତ୍ କାରିଗର ହେଉଛନ୍ତି ଯୁବ ବ୍ୟବସାୟୀ ସୁରେଶ ଥପ୍ପା । ଦୋକାନ ସାମ୍ନାରେ ଯେତେ ଗ୍ରାହକ ଠୁଳ ହେଲେ ବି ତାଙ୍କର ପର୍‌ବାଏ ନଥାଏ । ଠିକ୍ ଠିକ୍‌ରେ ଚା' ତିଆରି ହେବା ପରେ ହିଁ ଗ୍ରାହକଙ୍କୁ ପରସାଯାଏ ଚା' । ଆଗେ ନିଜେ ସୁଆଦ ବାରିବା ପରେ ହିଁ ଚା' ପ୍ରସ୍ତୁତ ହୁଏ । ଗ୍ରାହକମାନେ ବି ମହା ଆନନ୍ଦରେ ଜଗି ଥାଆନ୍ତି ଚା'କୁ ।

ସୁରେଶଙ୍କୁ ତାଙ୍କ ଚା' ସଂପର୍କରେ ପଚାରିବାରୁ ସେ କୁହନ୍ତି, ମୁଁ ଆଜି ଯାଏଁ ଯାହା ବି କରିଛି, ଉଚିତ ମନୋନିବେଶ ସହ ହିଁ କରିଛି । ଆଗରୁ ସରକାରୀ ଡାକ୍ତରଖାନାରେ ସିକ୍ୟୁରିଟି ଗାର୍ଡ କାମ କରୁଥିଲି । ସେଥିରେ ବି ମୋର ଦାୟିତ୍ୱ ଯଥେଷ୍ଟ ଉଚିତ୍ ଭାବରେ ନିଭେଇଛି, ଯାହାର ଉଦାହରଣ ଖୋଜିଲେ ଏବେ ବି ଲୋକେ କହିବେ । ଚା' ଦୋକାନ କରିବା ଦିନଠୁ ମୁଁ ଚା' ବନେଇବାରେ ବେଶ୍ ସୁନାମ ଅର୍ଜନ କରିଛି । ମୁଁ ଅର୍ଥ ଉପାର୍ଜନକୁ ଗୁରୁତ୍ୱ ନଦେଇ ଗ୍ରାହକଙ୍କ ରୁଚିକୁ ସାମ୍ନାରେ ରଖିଆସିଛି, ଯାହା ମୋତେ ସଫଳତା ଦେଇଛି ।



ଶାନ୍ତିପଡ଼ା ଛକରେ ଝୁଂପୁଡ଼ି ଦୋକାନଟିଏ । କିଏ ଦେଖିଲେ କହି ପାରିବନି ଏଭଳି ଏକ ଦୋକାନରେ ଏମିତି ସ୍ୱାଦିଷ୍ଟ ଚା' ମିଳିବ ବୋଲି । ତେବେ ଚା' ତିଆରିରେ ବିଶେଷ ପାରଦର୍ଶିତା ଯୋଗୁଁ ତାଙ୍କ ଦୋକାନ 'ବେଷ୍ଟ ଚାୱାଲା ଅଫ୍ ଟାଉନ୍' ପୁରସ୍କାର ମଧ୍ୟ ହାସଲ୍ କରିଛି । ସକାଳୁ ସକାଳୁ କିମ୍ବା ସଂଧ୍ୟା ସମୟରେ ତାଙ୍କ ଚା' ଦୋକାନ ସାମ୍ନାରେ ପ୍ରବଳ ଭିଡ଼ ଦେଖିବା ମିଳିଥାଏ । ଯେଉଁଦିନ କୌଣସି କାରଣବଶତଃ ସୁରେଶଙ୍କ ଚା' ଦୋକାନ ବନ୍ଦ ରହିଥାଏ, ସେଦିନ ଶାନ୍ତିପଡ଼ା ଛକ ଖାଲି ଖାଲି ଜଣାପଡ଼େ । ବିଶେଷ ଚହଳ ଗହଳ ନଥାଏ । ଏଥିରୁ ଅନୁମାନ କରାଯାଇପାରେ ସୁରେଶଙ୍କ ହାତ ତିଆରି ଚା'ରେ ରହିଥିବା ଯାଦୁକୁ । ଥରେ ନିଶ୍ଚୟ ଚା' ପିଇବାକୁ ଆସନ୍ତୁ ।



## ଦେଓଗାଁ ବ୍ଲକ ୪ଟି ପଂଚାୟତ ଆନୁକୂଲ୍ୟରେ ପୁଷ୍ ପୁନି ଭେଟଘାଟ ଉତ୍ସବ ଉଦ୍‌ଯାପିତ : ଦୁଲଦୁଲି, କରମା, କରମସାନୀ ସହ ବହୁ ଆଂଚଳିକ କାର୍ଯ୍ୟକ୍ରମରେ ମାତିଗଲେ ସହସ୍ର କଳାପ୍ରେମୀ



ଦେଓଗାଁ, (ନିପ୍ର) : ଦେଓଗାଁ ବ୍ଲକ ଅନ୍ତର୍ଗତ ସିଂହାମୁଣ୍ଡା, ରାମଚନ୍ଦ୍ରପୁର, ଦେଷଣ୍ଡ ଓ ଡୁମ୍ବେରପିଟା ୪ଟି ପଂଚାୟତର କଳାକାରମାନଙ୍କ ଉଦ୍ୟମରେ ଗତ ଗୁରୁବାର ସକାଳ ପ୍ରାୟ ୧୦ଟାରୁ ଅପରାହ୍ନ ପର୍ଯ୍ୟନ୍ତ ପୁଷ୍ ପୁନି ଭେଟଘାଟ ସିଂହାମୁଣ୍ଡା ପଂଚାୟତର ଖଲିଆପାଲି ଗାଁରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୧୦ମାସରୁ ଅଧିକ ହେଲା କରୋନା କଟକଣା ଯୋଗୁଁ ମଂଚରୁ ଦୂରେଇ ରହିଥିବା କଳାକାରମାନେ ଏକଜୁଟ ହୋଇ କଳା ପ୍ରଦର୍ଶନ କରିବା ସହ ଉପଭୋଗ କରିଥିବା ଦେକାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଦେଓଗାଁ ବିଡିଓ ରୁଦ୍ରପ୍ରସାଦ ସୁନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଗୁରୁଶ୍ରୀ ଡ. ଘାସିରାମ ମିଶ୍ର, ବରିଷ୍ଠ କଳାକାର ତଥା ଅବସର ପ୍ରାପ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ସାରଙ୍ଗଧର ଠାକୁର, କଣ୍ଠଶିଳ୍ପୀ ନବୀନ କୁଅଁର, ସଂକୀର୍ତ୍ତନ ଗୁରୁ ପରମାନନ୍ଦ ମାଝୀ, ସିଂହାମୁଣ୍ଡା ସରପଂଚ ମାଳି ମେଶ୍ୱା, ଦେଷଣ୍ଡ ସରପଂଚ ପ୍ରଭାତ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଆୟୋଜକ କମିଟିର ଅଧକ୍ଷ ତଥା ଦେଓଗାଁ ବ୍ଲକ କଳାକାର ସଂଘର ଉପସଭାପତି ସୁଦାମ ଚରଣ ବିଶିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକମକୁ ସଂସ୍କୃତି ଗବେଶକ ବାସୁଦେବ ସା ପରିଚାଳନା କରିଥିଲେ । ସେହିପରି ବରିଷ୍ଠ କଳାକାର ସୁରଥ ଧରୁଆ ମଂଚ ପରିଚାଳନା କରିଥିଲେ । ଦେଓଗାଁ ବ୍ଲକ ରାମଚନ୍ଦ୍ରପୁର ପିଏଚସିର ଡା. ଲଳିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଉପରୋକ୍ତ ୪ଟି ପଂଚାୟତର ୪୦ଟି ଦଳ ଯଥା ଦୁଲଦୁଲି, କରମା, କରମସାନି, କିର୍ତ୍ତନ, ସଂଚାର, ଘୁଡକା ଭଳି ବହୁ ଗ୍ରାମାଂଚଳ ସାଂସ୍କୃତିକ ଦଳ ନିଜ ନିଜର ଦଳୀୟ କଳା ପ୍ରଦର୍ଶନ ଅଂଚଳବାସୀଙ୍କୁ ମତୁଆଲା କରିଦେଇଥିଲେ । ଏହି ଅବସରରେ ଦେଓଗାଁ ବ୍ଲକର ସାମ୍ବାଦିକ କିଶୋର ସାହୁ, କୃଷ୍ଣ ପ୍ରସାଦ ପାଣିଗ୍ରାହୀ, ରାମଚନ୍ଦ୍ର ଶତପଥୀ, ଶରତ ପୁଟେଲଙ୍କୁ ମାନପତ୍ର ସହ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନାରେ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ୧୮ ତାରିଖରେ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘର ବିକ୍ଷୋଭ : ଘେରାଉ ହେବ ସିସିଏଫ(କେଏଲ) କାର୍ଯ୍ୟାଳୟ



ବଲାଙ୍ଗିର, (ନିପ୍ର) : ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଆସନ୍ତା ୧୮ ତାରିଖ ଦିନ ବିଭିନ୍ନ ସମସ୍ୟା ନେଇ ବଲାଙ୍ଗିର ସିସିଏଫ(କେଏଲ) କାର୍ଯ୍ୟାଳୟ ଘେରାଉ କରିବା ସଂଗେ ସଂଗେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ବଲାଙ୍ଗିର ସାଂବାଦିକ ଭବନ ଠାରେ ଆୟୋଜିତ ହୋଇଥିବା ଏକ ସାଂବାଦିକ ସମ୍ମିଳନୀରେ ସଂଘର ରାଜ୍ୟ ଉପ ସଭାପତି କିଶୋର କୁମାର ପରିଛା ଓ ପଦ୍ମପୁରର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ସୂଚନା ଦେଇଛନ୍ତି । ୨୦ ଦଫା ଦାବୀ ନେଇ ଏହି ଘେରାଉ ଓ ବିକ୍ଷୋଭ କାର୍ଯ୍ୟକ୍ରମ କରାଯିବ ବୋଲି ସେମାନେ କହିଛନ୍ତି । ଓଡିଶା କେନ୍ଦୁପତ୍ର ସିଜିନାଲ କର୍ମଚାରୀ ଓ ତୋଳାଳୀମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଭିନ୍ନ ସମୟରେ ଦାବୀ ଉପସ୍ଥାପନ କରାଯାଉଥିଲେ ମଧ ସରକାର ନୀରବ ଦ୍ରଷ୍ଟା ସାଜିଛନ୍ତି । ଏହି କାର୍ଯ୍ୟକ୍ରମରେ ୮ଟି ଡିଭିଜନର କର୍ମଚାରୀମାନେ ସାମିଲ ହେବେ । ସଂଘ ତରଫରୁ ଉପସ୍ଥାପିତ ହେବାକୁ ଥିବା ଦାବୀ ଗୁଡିକ ହେଲା- ଚପରାଶିମାନଙ୍କର ୩ ମାସ କାର୍ଯ୍ୟକାଳ, ମୁନ୍‌ସୀମାନଙ୍କ ୪ ମାସ କାର୍ଯ୍ୟକାଳ, ସିଜିନ ଚେକରମାନଙ୍କ ଗୋଛା କଟେଇରୁ ଗୋଦାମରେ ପତ୍ର ଭର୍ତ୍ତି ପର୍ଯ୍ୟନ୍ତ, ବାଇଣ୍ଡିଙ୍ଗ ଚେକରମାନଙ୍କ ୯ ମାସ କାର୍ଯ୍ୟକାଳ ବୃଦ୍ଧି, ସର୍କଲ ଚେକରମାନଙ୍କର ୧୧ ମାସ କାର୍ଯ୍ୟକାଳ, ହେଡ ଚେକରମାନଙ୍କର ମୋଟର ସାଇକଲ ଏବଂ ତେଲ, ବନ୍ଧେଇ କୁଲିମାନଙ୍କ ବିଡା ପ୍ରତି ୧୦୦ ଟଙ୍କା ବୃଦ୍ଧି, କେନ୍ଦୁପତ୍ରରୁ ଜିଏସଟି ଉଚ୍ଛେଦ, ୱାଚରମାନଙ୍କ ଗ୍ରେଡେସନ ଅନୁଯାୟୀ ଦରମା, ଓଡିଶା ବନ ଉନ୍ନୟନ ନିଗମ ୧୦ ପ୍ରତିଶତ ଲାଭରୁ ୫ ପ୍ରତିଶତ ହ୍ରାସ କରିବା, ସାମାଜିକ ନିରାପତ୍ତା ଯୋଜନାରେ ଯେଉଁ ଅନିୟମିତତା ତାକୁ ବନ୍ଦ କରିବା, ତୋଳାଳୀ କାର୍ଡ ସଙ୍ଖ୍ୟା ବୃଦ୍ଧି, ଉଚ୍ଛେଦ ହୋଇଥିବା ଫଡି ଘର ପୁନଃ ସ୍ଥାପନ ଓ ପ୍ରତି ସେକସନରେ ସର୍କଲ ନିଯୁକ୍ତି । ସିସିଏଫଙ୍କ ସ୍ତରରେ ପୂରଣ ହେଇ ପାରୁଥିବା ଦାବୀ ଗୁଡିକ ତୁରନ୍ତ ପୂରଣ କରିବା ପାଇଁ ସଂଘ ଦାବୀ କରିବ । ଯଦି ସିସିଏଫ ରାଜି ନହେବେ, ତାହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟ ବନ୍ଦ ଡାକରା ଦିଆଯିବ ବୋଲି ସଂଘ ତରଫରୁ ଚେତାବନୀ ଦିଆଯାଇଛି । ଅନ୍ୟମାନଙ୍କ ମଧ୍ୟରେ ସଂଘର ରାଜ୍ୟ ସମ୍ପାଦକ କୋକିଳ ସାହୁ, ଚିତ୍ତରଂଜନ ବେହେରା, କୃଷ୍ଣ ରାଜପୁତ, ଚିତ୍ରସେନ ବଗର୍ତ୍ତି ଓ ନାରାୟଣ ଉଦୁରକୁଲିଆ ପ୍ରମୁଖ ସାଂବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

## ଗୋଣ୍ଡୱାନା ଗୋଣ୍ଡ ମହାସଭା ଲୋଇସିଂହା ମଣ୍ଡଳର ବାର୍ଷିକ ଅଧିବେଶନ



ଲୋଇସିଂହା, (ନିପ୍ର) : ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା ଲୋଇସିଂହା ମଣ୍ଡଳ ସ୍ତରୀୟ ବାର୍ଷିକ ଅଧିବେଶନ ସ୍ଥାନୀୟ ଆଦିବାସୀ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଲୋଇସିଂହା ମଣ୍ଡଳ ସଭାପତି ମଙ୍ଗଲୁ ଧରୁଆଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା ଓଡ଼ିଶା ପ୍ରାଦେଶିକ କମିଟିର ସଭାପତି ମହେନ୍ଦ୍ର ନାୟକ, ମୁଖ୍ୟ ବକ୍ତା ଭାବେ ରାଜ୍ୟ ଉପସଭାପତି ବିନୋଦ ବିହାରୀ ମଲ୍ଲିକ ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଭାପତି ଶ୍ୟାମ ସୁନ୍ଦର ଭୋଇ, ମହାସଚିବ ରାମଚନ୍ଦ୍ର ଧରୁଆ, ଉପ ସଭାପତି ଆଦିକନ୍ଦ ଭୋଇ, ଝାରସୁଗୁଡ଼ା ମହାସଚିବ ଶ୍ୟାମଲାଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଲୋଇସିଂହା ମଣ୍ଡଳ ସଭାପତି ଦଶରଥ ଛତ୍ରିଆ, ପୁଇନ୍ତଲା ମଣ୍ଡଳ ସଭାପତି ଭାଗବତ ପ୍ରସାଦ ଧରୁଆ, ଦେଓଗାଁ ସମ୍ପାଦକ ସୁରଥ ଧରୁଆ, ସଇଁନ୍ତଲା ସଭାପତି ସନ୍ତୋଷ ପୁଟା, ପାଟଣାଗଡ ପ୍ରତିନିଧି ଲେକୁ ଧରୁଆ, ଜିଲ୍ଲା ସଭ୍ୟ କେଶରୀ କୁଅଁର, ପ୍ରୀତିଚନ୍ଦ୍ର ରାଏ, ଦେବରାଜ ଭୋଇ, ସମ୍ପତି ମାଝୀ, ଦାଶରଥି ଭୋଇ, ଭୁବନେଶ୍ୱର ଧରୁଆ ପ୍ରମୁଖ ମଂଚାସୀନ ଥିଲେ । ଲୋଇସିଂହା ମଣ୍ଡଳର ସମସ୍ତ ସଭାପତି ଓ ସମ୍ପାଦକ, ଜିଲ୍ଲା ଗୋଣ୍ଡୱାନା ଛାତ୍ର ଆୟୋଜନ ସମିତିର ସଭାପତି ଲଳିତ ମୋହନ ପୁଟା, ମହାସଚିବ ସୁବ୍ରତ କୁଅଁର, ଉପସଭାପତି ଚନ୍ଦ୍ରଶେଖର କୁଅଁର, ଦେବେନ୍ଦ୍ର ପୁଟା, ସଞ୍ଜୟ କଏଣ୍ଡା, ଶାନ୍ତନୁ ମଲ୍ଲିକ, ଟିକେଲାଲ ଧରୁଆ, ରୁକ୍ମଣ ଧରୁଆ, ଗୋବିନ୍ଦ ଭୋଇ, ଆଲ୍ଲାଦିନି ଧରୁଆ, ମାମି ଧରୁଆ, ପ୍ରଶାନ୍ତ କଏଣ୍ଡା, ଦେବାଶିଷ ବିଶୋଇ, ପ୍ରତିଭା ଭୋଇ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଲୋଇସିଂହା ମଣ୍ଡଳର ମହିଳା ମାନଙ୍କୁ ନେଇ ଏକ ସଂଗଠନ ଗଠନ କରାଯିବା ସହିତ ଏହାର ସଭାନେତ୍ରୀ ରୂପେ ପୁରାଣବତୀ ପୁଟା ଓ ସମ୍ପାଦକ ରୂପେ ସୁରୁଚି ଧରୁଆକୁ ମନୋନୀତ କରାଯାଇଥିଲା । ଖଲିଆପାଲି ଗ୍ରାମର ରାଣୀ ଦୁର୍ଗାବତୀ ନୃତ୍ୟ ଦଳ ଓ ସାଲେଡୁଙ୍ଗୁରୀର ଜଂଘାମାତା ନୃତ୍ୟ ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

ସତ୍ୟ ଦଳପତି ମଂଚ ପରିଚାଳନା କରିଥିବା ବେଳେ ଚନ୍ଦ୍ରଶେଖର କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ ।

## ନିମ୍ନମାନର ବନ୍ଧଆଡ଼ି କାମ, ଫାଟିଲାଣି କଂକ୍ରିଟ ରାସ୍ତା : ମରାମତି ଦାବୀ ଜୋର୍ ଧରୁଛି



ଦେଓଗାଁ, (ନିପ୍ର) : ଦେଓଗାଁ ସଦର ପଂଚାୟତର କଛାରପାଲି ବନ୍ଧକୁ ଯାଇଥିବା କଂକ୍ରିଟ ରାସ୍ତା ନିର୍ମାଣ ବେଳେ ନିମ୍ନମାନର କାମ ହୋଇଥିବାରୁ ଫାଟି ଚୁର୍‌ମାର୍ ହେଉଥିବାର ଅଭିଯୋଗ ହେଉଛି । ଦେଓଗାଁ ଜାତୀୟ ରାଜପଥ ୨୬ କ୍ଲବ ଛକ ଠାରୁ କନ୍ଧପାଲିକୁ ଯାଇଥିବା ବନ୍ଧ ରାସ୍ତାରେ ଗତ ୨୦୧୫/୧୬ ମସିହାରେ ଦୁଇଟି ପର୍ଯ୍ୟାୟରେ ୫ ଲକ୍ଷ ଟଙ୍କା ବ୍ୟୟରେ କଂକ୍ରିଟ ରାସ୍ତା ନିର୍ମାଣ ହୋଇଥିଲା । ତାହା ପୁଣି କନ୍ଧପାଲିରୁ ମୁଣ୍ଡା ଆଡ଼ି ପର୍ଯ୍ୟନ୍ତ । ଏବେ ଏହି ରାସ୍ତାର ବିଭିନ୍ନ ସ୍ଥାନରେ କଂକ୍ରିଟ ଫାଟି ଆଁ କରିଛି । ପ୍ରତିଦିନ ବନ୍ଧ ରାସ୍ତାରେ ଛୁଆଠୁ ବୁଢ଼ା ପର୍ଯ୍ୟନ୍ତ ଯିବା ଆସିବା କରି ଗାଧୋଇ ଆସିଥାନ୍ତି । ବିଶେଷ କରି ମହିଳାମାନେ ମୁଣ୍ଡରେ କପଡ଼ା ବୋହି ଯିବା ଆସିବା ବେଳେ ଦୁର୍ଘଟଣା ସମ୍ମୁଖୀନ ହେଉଛନ୍ତି । ଏନେଇ ଦେଓଗାଁ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ବିଭାରକୁ ପଚାରିବାରୁ ରାସ୍ତା ଖରାପ ହୋଇଥିବା ଜାଣି ନ ଥିଲି, ଶୀଘ୍ର ମରାମତି କରାଯିବ ବୋଲି କହିଛନ୍ତି । ସୂଚନାଯୋଗ୍ୟ ଯେ, ଲୋକଙ୍କ ଗମନାଗମନକୁ ଦୃଷ୍ଟିରେ ରଖି କଂଚା ରାସ୍ତାଗୁଡିକୁ କଂକ୍ରିଟ କରଣ କରାଯାଉଛି । କିନ୍ତୁ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ନିମ୍ନମାନର ରାସ୍ତା କାମ ହୋଇ ଥିବାରୁ ଫାଟିଯାଉଛି । ଦେଓଗାଁ ବନ୍ଧ ଆଡ଼ିକୁ ସଫାସୁତୁରା କରି ଫାଟି ଥିବା ସ୍ଥାନକୁ ମରାମତି କରିବାକୁ ସାଧାରଣରେ ଦାବୀ ହେଉଛି ।

## ବିଜେପି. ପକ୍ଷରୁ ପଶ୍ଚିମ ଓଡ଼ିଶାରେ ୩ ଘଂଟା ଚକ୍କାଜାମ

ବଲାଙ୍ଗିର, (ନିପ୍ର) : ଗତ ୧୩ ତାରିଖ ଦିନ ବିଜେପି. ପକ୍ଷରୁ ଧାନକିଣା ସମସ୍ୟାର ସମାଧାନ ଦାବୀରେ ପଶ୍ଚିମ ଓଡ଼ିଶାରେ ଦିନ ୧୦ଟାରୁ ୧ଟା ପର୍ଯ୍ୟନ୍ତ ଚକ୍କା ଜାମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରମରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ରାସ୍ତାରୋକ କରିଥିଲେ ବିଜେପି କର୍ମୀମାନେ । ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିଛି ପଶ୍ଚିମ ଓଡ଼ିଶାରେ ଭାରତୀୟ ଜନତା ପାର୍ଟି । ପେକ୍ସ ଗୁଡ଼ିକରେ ଚାଷୀମାନଙ୍କ ଧାନ ବିକ୍ରି ହୋଇ ପାରୁ ନଥିବା ବେଳେ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛି ଚାଷୀ । କେଉଁଠି ଟୋକନ୍ ଲେଷ୍ଟ ହେଉଛି ତ' ଆଉ କେଉଁଠି ଟୋକନ୍‌କୁ ଟାକି ବସିଛି ଚାଷୀ । ଏସବୁ ସମସ୍ୟାକୁ ବିରୋଧ କରି ବିଜେପି. ୩ ଘଂଟିଆ ରାସ୍ତାରୋକ କରିଛି ।

## ମା' ଦୁଲ୍ଲାଦେଇଙ୍କ ପୀଠରେ ଅଷ୍ଟପ୍ରହରୀ ଓ ନାମଯଜ୍ଞ ଅନୁଷ୍ଠିତ

ଡେଲାଙ୍ଗ, (ନିପ୍ର) : ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ୍ ସୁଜନପୁର ଗ୍ରାମ ପଞ୍ଚାୟତର ଗୋଡ଼ିସାହି ଗ୍ରାମରେ ଆରାଧ୍ୟା ଦେବୀ ମା' ଦୁଲ୍ଲାଦେଇଙ୍କ ପୀଠରେ ଅଷ୍ଟପ୍ରହରୀ ଓ ନାମଯଜ୍ଞ ମହାସମାରୋହରେ ପାଳିତ ହୋଇଯାଇଛି । ମା' ଦୁଲ୍ଲାଦେଇ କମିଟିର ସଭାପତି ସଂଜୟ କୁମାର ଶ୍ରୀଚନ୍ଦନ, ଉପସଭାପତି ତ୍ରିଲୋଚନ ପରିଡ଼ା, ସଂପାଦକ ବଙ୍କୁ ରାଉତରାୟ ଏବଂ କମିଟିର ସଭ୍ୟ ବାନାମ୍ବର ପରିଡ଼ା, ତପନ କୁମାର ପାର୍ଥୀ, ଅଭିମନ୍ୟୁ ବାରିକ, ଶରତ କୁମାର ରାଉତରାୟ, ବିନୋଦ ପାଲଟାସିଂହ, ବିଶ୍ୱନାଥ ସୁବୁଦ୍ଧି, ପ୍ରସନ୍ନ ପାଲଟାସିଂହ ପ୍ରମୁଖ ଉପସ୍ଥିତ ଥିଲେ । ଭାବଗ୍ରାହୀ ରଥ ଯଜ୍ଞର ମୁଖ୍ୟ ପୁରୋଧା ଥିଲେ । ଆଜିକୁ ଦୀର୍ଘ ୧୫ ବର୍ଷ ହେଲା ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ସାତ୍ତ୍ୱିକ ମନୋଭାବ ନେଇ ମା'ଙ୍କର ପର୍ବପର୍ବାଣୀ ମାନ ଆନନ୍ଦ ଉଲ୍ଲାସରେ ପାଳନ କରାଯାଉଛି । ମହାପ୍ରସାଦ ସେବନ ବଣ୍ଟନ ମଧ୍ୟ ଏହି ଅବସରରେ ହୋଇଥାଏ । ବୀର ପଣ୍ଡିତଙ୍କ ନାମରେ ଡେଲାଙ୍ଗ, ଏହାର ମୁକସାଖୀ ପାହାଲ ଉପରେ ବିରାଜମାନ ବିଶ୍ୱନାଥ ସ୍ୱୟଂ ଶିବ ମନ୍ଦିରରେ ପୂଜା ପାଉଛନ୍ତି । ପୂର୍ବେ ଏହା ବୌଦ୍ଧ କୀର୍ତ୍ତି ଥିଲା । ଅଷ୍ଟଦଶ ଶତାବ୍ଦୀର ଇଂରେଜ ସରକାର ରାଜୁତି କରିବା ସମୟରେ ଏଠାରେ ମା' ଦୁଲ୍ଲାଦେଇ, ମା' ପାଦୁକାଇ, ମା' ଗଡ଼ଚଣ୍ଡି, ମା' ବୁଢ଼ୀତରକାଇ ଏହା ମୁକସାକ୍ଷୀ ।

# ସହର ଭିତରେ ରାସ୍ତା ଉପରେ ଆଣ୍ଠୁଏ ନର୍ଦ୍ଦମା ପାଣି : ପ୍ରଶାସନର ନଜର୍ ନାହିଁ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ସହର ଭିତରେ ରାସ୍ତା ଉପରେ ଆଣ୍ଠୁଏ ନର୍ଦ୍ଦମା ପାଣି ଜମି ରହିଥିବା ବେଳେ ଲୋକେଙ୍କ ଯାତାୟାତରେ ଘୋର୍ ଅସୁବିଧା ସୃଷ୍ଟି ହେଉଛି । କିନ୍ତୁ ଏଥିପ୍ରତି ପ୍ରଶାସନର ନିଘା ନଥିବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଛି । ସୂଚନାଯୋଗ୍ୟ ଯେ, ସହରର କଲେଜ ଛକରେ ଥିବା ମିଶନ ଫିଲ୍ଡ ମୁଣ୍ଡରେ ବଲାଙ୍ଗିର-ପାଟଣାଗଡ଼ ରାସ୍ତାରୁ ହାତୀଶାଳପଡ଼ାକୁ ରାସ୍ତା ସଂଯୋଗ ହୋଇଥିବା ସ୍ଥାନରେ ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳୁଛି । ସଦର ବ୍ଲକ୍ ଅଫିସ ପଛପାଖରେ ଥିବା ଆଧାର କେନ୍ଦ୍ର ସାମ୍ନାରେ ବର୍ଷ ସାରା ନର୍ଦ୍ଦମା ପାଣି ଜମି ରହୁଥିବା ବେଳେ ସ୍ଥାନୀୟ ଲୋକେ ଅଭିଯୋଗ କରି କରି ହାଲିଆ ହୋଇ ସାରିଥିବା ଅଭିଯୋଗ କରିଛନ୍ତି । ଆଧାର କେନ୍ଦ୍ର ନିକଟରେ ପିଏଚ୍ଡି ପାଇପ୍ ଲିକେଜ୍ ସାଂଗକୁ ଏହି ରାସ୍ତା ଉପରେ ହିଁ ଛୁଟୁଛି ନର୍ଦ୍ଦମା ପାଣି । ପ୍ରତ୍ୟହ ଏହି ରାସ୍ତା ଉପରେ ହଜାର ହଜାର ଲୋକେ ଯାତାୟତ କରୁଛନ୍ତି । ଏପରିକି ଅନ୍ ଲାଇନ୍ ଆଧାର୍ କାର୍ଡ଼ ତିଆରି ପାଇଁ ଆଧାର କେନ୍ଦ୍ରକୁ ମଧ୍ୟ ବହୁ ସଂଖ୍ୟାରେ ଲୋକେ ଯିବା ଆସିବା କରୁଛନ୍ତି । ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ୍ ହେବା ପାଇଁ ପ୍ରତ୍ୟେକ ଜିଲ୍ଲାର ପ୍ରଶାସନ ଆଗଭର ହେଉଥିବା ବେଳେ ବଲାଙ୍ଗିର ପ୍ରଶାସନର ଏଭଳି ନୀରବଦ୍ରଷ୍ଟା ମୁଦ୍ରା ସାଧାରଣଙ୍କୁ ଆଶ୍ଚର୍ଯ୍ୟ ଚକିତ କରି ପକାଇଛି । ଅନ୍ୟପଟେ ସେହିପରି ମୁଖ୍ୟ ରାସ୍ତାରୁ ଠିକାଦାରପଡ଼ା ଆଡ଼କୁ ଯାଇଥିବା ରାସ୍ତାର ଅବସ୍ଥା ବି ଶୋଚନୀୟ ହୋଇପଡ଼ିଛି । ରାସ୍ତା ଉପରେ ଛୁଟୁଛି ନର୍ଦ୍ଦମା ପାଣି । ଯିଏ ପଡ଼ା ଭିତରକୁ ଯିବ, ସିଏ ଏହି ଦୁଷିତ ନର୍ଦ୍ଦମା ପାଣି ଦେଇ ହିଁ ଯିବ । ଗଣମାଧ୍ୟମରେ ଅନେକ ଥର ଖବର ପ୍ରସାରଣ ପରେ ମଧ୍ୟ ବଲାଙ୍ଗିର ମ୍ୟୁନିସିପାଲିଟିର ନିଦ ଭାଙ୍ଗି ନଥିବା ସହରବାସୀଙ୍କୁ ହତାଶ କରିଥିବା ବେଳେ ମ୍ୟୁନିସିପାଲିଟିର ଏଭଳି ସ୍ଥାଣୁ ଅବସ୍ଥା ଯୋଗୁଁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି । ଆଗାମୀ ସମୟରେ ଏକ ବଡ଼ ଧରଣର ଆନ୍ଦୋଳନକୁ ଏଡ଼ାଇ ଦିଆଯାଇ ନପାରେ ବୋଲି ଆଲୋଚନା ହେଉଛି ।

# ତହଁକ୍ କୁଟୁମ୍ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ



ବଲାଙ୍ଗିର, (ନିପ୍ର) : ଫେବୃଆରୀ ୧୪ ହେଉଛି ପ୍ରେମ ଦିବସ । ସାରା ବିଶ୍ୱରେ ଖୁସିର ସହିତ ଏହି ଦିବସକୁ ପ୍ରେମିକ ପ୍ରେମିକାମାନେ ଗୋଲାପ ଏବଂ ସ୍ୱତନ୍ତ୍ର ଉପହାର ଦେଇ ପ୍ରେମ ଦିବସକୁ ଧୁମଧାମରେ ପାଳନ କରିଛନ୍ତି । ଗୋଟିଏ ପଟେ ଯୁବପିଢ଼ି ପ୍ରେମ ଦିବସକୁ ଆନନ୍ଦ ଓ ଉଲ୍ଲାସର ସହିତ ଭରପୂର ମଜା ଉଠାଉ ଥିବାବେଳେ ଏହି ଦିନରେ ପୁଲୱାମାରେ ସହିଦ ହୋଇଥିବା ଯବାନ ମାନଙ୍କ ଉଦ୍ଦେଶ୍ୟରେ ଆଜି ଅପରାହ୍ନରେ ବଲାଙ୍ଗିର ନିକଟସ୍ଥ ବରକାନୀ ସୋଲାରପ୍ଲାଂଟ ଠାରେ ତହଁକ କୁଟୁମ ପକ୍ଷରୁ ମହମବତୀ ଜାଳି ଏକ ଶ୍ରଦ୍ଧାଞ୍ଜଳି ସଭା ଏବଂ ଦେଶପ୍ରେମୀ କବିତା ଆସର ଅନୁଷ୍ଠିତ ହୋଇଥିଲା । ଶିଶୁ ସାହିତ୍ୟିକ ଗୋପୀନାଥ ଦଣ୍ଡସେନାଙ୍କ ସଭାପତିତ୍ୱରେ ରାଜୀବ ପ୍ରସାଦ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସମାଜସେବୀ ସବିତା ମହରା ଏବଂ କବୟିତ୍ରୀ ଧରିତ୍ରୀ ସାହୁ ଯୋଗ ଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ବ୍ୟଙ୍ଗ କବି ଅର୍ଜୁନ କୁମାର ସାହୁ ପରିଚାଳନା କରିଥିଲେ । ଅଂଚଳର ବହୁ କବି ଯୋଗ ଦେଇ ଦେଶପ୍ରେମୀ କବିତା ପଠନ କରିଥିଲେ । କାର୍ଯ୍ୟକ୍ରମରେ ଶିବମ୍ ସାହୁ, ସ୍ୱାଗତ୍ ସାହୁ, ଭରତ ମେହେର ପ୍ରମୁଖ ସହଯୋଗ କରିଥିଲେ । ସଭା ଶେଷରେ କବି ଅନୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।






# ୧୪ ଓ ୧୬ ବର୍ଷରୁ କମ୍ ଜୁନିୟର କ୍ରିକେଟ ଓ ସିନିୟର ଭଲିବଲ ଖେଳାଳୀ ଚୟନ



ବଲାଙ୍ଗିର, (ନିପ୍ର) : ଜିଲ୍ଲା କ୍ରୀଡା ସଂସଦ ବଲାଙ୍ଗିର ଆନୁକୁଲ୍ୟରେ ୨୦୨୧ ବର୍ଷ ନିମନ୍ତେ ୧୪ ଓ ୧୬ ବର୍ଷରୁ କମ୍ ଜୁନିୟର କ୍ରିକେଟ ଖେଳାଳୀ ଚୟନ କରାଯିବ । ଏଥି ନିମନ୍ତେ ଖେଳାଳୀଙ୍କ ନାମ ପଞ୍ଜିକରଣ ଚଳିତ ମାସ ୧୭ ଓ ୧୮ ତାରିଖ ଦୁଇ ଦିନ ଧରି ଗାନ୍ଧୀ ଷ୍ଟାଡିୟମ ଠାରେ କରାଯିବ । ଏଣୁ ଇଚ୍ଛୁକ ଖେଳାଳୀମାନେ ନିଜ ନିଜର କ୍ଲବ ଜରିଆରେ ପ୍ରମାଣ ସ୍ୱରୁପ ଜନ୍ମ ତାରିଖ, ଆଧାର କାର୍ଡ ଓ ପାସପୋର୍ଟ ସାଇଜ ଫଟୋ ଷ୍ଟାଡିୟମ କାର୍ଯ୍ୟାଳୟ ଠାରେ ଦାଖଲ କରି ନିଜ ନିଜର ରେଜିଷ୍ଟ୍ରେସନ କରାଇ ନେବେ । ୧୪ ବର୍ଷରୁ କମ୍ ଖେଳାଳୀମାନେ ୨୦୦୫ ସେପ୍ଟେମ୍ବର ୦୧ ପରେ ୧୬ ବର୍ଷରୁ କମ୍ ଖେଳାଳୀମାନେ ୨୦୦୭ ସେପ୍ଟେମ୍ବର ୦୧ ସୁଦ୍ଧା ଜନ୍ମ ଗ୍ରହଣ କରିଥିଲେ ନାମ ପଞ୍ଜିକରଣ କରାଇବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ବୋଲି ଜିଲ୍ଲା କ୍ରୀଡା ସଂସଦର କ୍ରିକେଟ ସଂପାଦକ ଓମ୍ ପ୍ରକାଶ ଚାନ୍ଦ ଜଣାଇଛନ୍ତି । ପ୍ରକାଶ ଥାଉକି ଜିଲ୍ଲାର ବିଭିନ୍ନ କ୍ଲବଗୁଡିକୁ ନେଇ ଆସନ୍ତା ୨୨ ଫେବୃୟାରୀ ୨୦୨୧ରୁ ଜୁନିୟର ଭିଜନ ୨୪ କ୍ରିକେଟ ଟୁର୍ଣ୍ଣାମେଂଟ ଆୟୋଜିତ ହେବ । ପୁନଃଶ୍ଚ ଆସନ୍ତା ୧୮ ଓ ୧୯ ଫେବୃୟାରୀରେ ବଲାଙ୍ଗିର ଗାନ୍ଧୀ ଷ୍ଟାଡିୟମ ଠାରେ ଅନ୍ତଃ ଜିଲ୍ଲା ସିନିୟର ପୁରୁଷ ଓ ମହିଳା ଭଲିବଲ ଟୁର୍ଣ୍ଣାମେଂଟ ନିମନ୍ତେ ଖେଳାଳୀ ଚୟନ କରାଯିବ । ଏଣୁ ଆଗ୍ରହୀ ଖେଳାଳୀ ତଥା କ୍ଲବମାନଙ୍କୁ ଅନୁରୋଧ କରାଯାଇଛି ଯେ, ସେମାନେ ନିଜର ପ୍ରତିଯୋଗୀମାନଙ୍କୁ ଏଥିରେ ଅଂଶ ଗ୍ରହଣ କରିବା ପାଇଁ ପଠାଇ ପାରିବେ ।

# ଆଇନଜୀବୀ ଉମାକାନ୍ତ ସାହୁ ହେଲେ ଜିଲ୍ଲା କଂଗ୍ରେସ ଲିଗାଲ୍ ସେଲ୍ ସଭାପତି



ବଲାଙ୍ଗିର, (ନିପ୍ର) : ପ୍ରଦେଶ କଂଗ୍ରେସ ଲିଗାଲ୍ ସେଲ୍ ସଭାପତି ଆଇନଜୀବୀ ସୁରେନ୍ଦ୍ର ନାଥ କର ବଲାଙ୍ଗିର ଜିଲ୍ଲା କଂଗ୍ରେସ ଲିଗାଲ୍ ସେଲ୍ ସଭାପତି ଭାବେ ଆଇନଜୀବୀ ଉମାକାନ୍ତ ସାହୁଙ୍କୁ ମନୋନୀତ କରିଛନ୍ତି । ନବ ମନୋନୀତ ଶ୍ରୀ ସାହୁ ନିଜ ତରଫରୁ ରାଜ୍ୟ ଲିଗାଲ୍ ସେଲ୍ ସଭାପତି ସୁରେନ୍ଦ୍ର ନାଥ କର, ବିଧାୟକ ଦଳ ନେତା ନରସିଂହ ମିଶ୍ର, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଯୁବନେତା ସମରେନ୍ଦ୍ର ମିଶ୍ରଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ସଂଗଠନ ମଜ୍‌ବୁତ କରିବା ପାଇଁ କହିଥିଲେ ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com | Koshala prabaha | Koshala Prabaha
For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu